ଦ୍ୱିତୀୟ ଦିନରେ ଇଂଲଣ୍ଡର ଦବଦବା
ସଙ୍କଟମୋଚକ ସାଜିଲେ ଜୁରେଲ-କୁଲଦୀପ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
ସମ୍ବାଦ କଳିକା
TM
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
• ବର୍ଷ–୩୧ • ସଂଖ୍ୟା–୩୦ • ୨୫ ଫେବୃୟାରୀ ୨୦୨୪, ରବିବାର • ଭୁବନେଶ୍ୱର • Vol -31 • Issue-30 • 25th February 2024, Sunday • Bhubaneswar | Licensed to post without pre-payment of postage No- BN-60/22-24

## ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

# ୩୪ ନୂଆ ଏନ୍ଏସି, ୫ ମ୍ୟୁନିସିପାଲିଟି ଗଠନ

**ଭୁବନେଶ୍ୱର, ୨୪।୨**
**ନ୍ୟୁଜ୍ ବ୍ୟୁରୋ**

ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ୨୦ଟି ଜିଲ୍ଲାରେ ୩୪ଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ଏବଂ ଚାରିଟି ଜିଲାର ପାଞ୍ଚଟି ଏନଏସିକୁ ମ୍ୟୁନିସିପାଲିଟିକୁ ଉନ୍ନୀତ କରାଯିବା ବିଷୟ ଘୋଷଣା କରିଛନ୍ତି।



ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ବୌଦ୍ଧ ଜିଲ୍ଲାର ବୌଦ୍ଧଗଡ଼, ମୟୁରଭଞ୍ଜର କରଞ୍ଜିଆ, ବଲାଙ୍ଗୀରର କଣ୍ଟାବାଞ୍ଜି ଓ ଗଞ୍ଜାମ ଜିଲ୍ଲାର ଛତ୍ରପୁର ଓ ଆସ୍କା ଏନଏସିକୁ ମ୍ୟୁନିସିପାଲିଟିକୁ ଉନ୍ନୀତ କରାଯାଇଛି।

୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ବିଭିନ୍ନ ଜିଲ୍ଲା ଗସ୍ତ ଅବସରରେ ଜନସାଧାରଣଙ୍କ ପ୍ରସ୍ତାବ ଏବଂ ବିକାଶର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି।

ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଗୁଡିକ ହେଲା ଅନୁଗୋଳ ଜିଲ୍ଲାର ପାଲଲହଡା ଓ ଛେଣ୍ଡିପଦା, ବାଲେଶ୍ୱର ଜିଲ୍ଲାର ବସ୍ତା ଓ ସିମୁଳିଆ, ବରଗଡ ଜିଲ୍ଲାର ପାଇକମାଳ ଓ ଭେଡେନ, ଭଦ୍ରକ ଜିଲ୍ଲାର ଅଗରପଡା, ବଲାଙ୍ଗୀର ଜିଲ୍ଲାର ବେଲପଡା ଓ ସଇଁନ୍ତଳା, ଯାଜପୁର ଜିଲ୍ଲାର ବିଞ୍ଝାରପୁର, ପାଣିକୋଇଲି, ଜାରକା ଓ ଚଣ୍ଡିଖୋଲ, କଳାହାଣ୍ଡି ଜିଲ୍ଲାର ଜୟପାଟଣା, କନ୍ଧମାଳ ଜିଲ୍ଲାର ରାଇକିଆ, କୋରାପୁଟ ଜିଲ୍ଲାର ବୋରିଗୁମା, ନୂଆପଡା ଜିଲ୍ଲାର ସିନାପାଲି, ରାୟଗଡା ଜିଲ୍ଲାର ଚନ୍ଦିଲି, ମୁନିଗୁଡା ଓ ବିଷମକଟକ, ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗୁରିପାଲି, ସୁନ୍ଦରଗଡ ଜିଲ୍ଲାର ବଣେଇ, ଗଞ୍ଜାମ ଜିଲ୍ଲାର ଶେରଗଡ ଓ କୁକୁଡାଖଣ୍ଡି, ନୟାଗଡ ଜିଲ୍ଲାର କଣ୍ଟିଲୋ, ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଓ ବେଗୁନିଆ, କଟକ ଜିଲ୍ଲାର ସାଲେପୁର, ବଡମ୍ବା, ନରସିଂହପୁର ଓ ନିଆଳି, ମୟୁରଭଞ୍ଜ ଜିଲ୍ଲାର ବେତନଟି, ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ଏବଂ ବୌଦ୍ଧ ଜିଲ୍ଲାର କଣ୍ଟାମାଳ।

ସୂଚନାଯୋଗ୍ୟ ଯେ ଜନସାଧାରଣଙ୍କ ଦାବି, କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧିକୁ (ଭିତର ପୃଷ୍ଠାରେ)

# ୫-ଟି ଅଧ୍ୟକ୍ଷଙ୍କ ଭଦ୍ରକ ଗସ୍ତ: ବାଇକ୍ ଚଢି ଦୁର୍ବଳ ନଦୀବନ୍ଧ ବୁଲି ଦେଖିଲେ

**ଭଦ୍ରକ, ୨୪।୨**
**ନ୍ୟୁଜ୍ ବ୍ୟୁରୋ**

ଶନିବାର ଦିନିକିଆ ଭଦ୍ରକ ଜିଲ୍ଲା ଗସ୍ତ କରିଛନ୍ତି ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ଏହି ଗସ୍ତ ସମୟରେ ୫-ଟି ଅଧ୍ୟକ୍ଷ ବିଭିନ୍ନ ବ୍ଲକ ପରିଦର୍ଶନ କରି ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ଜନସଭାକୁ ଉଦବୋଧନ ଦେଇଥିଲେ। ସେ ପ୍ରଥମେ ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ହର ପାର୍ବତୀ ପଡିଆଠାରେ ପହଞ୍ଚିଥିବା ବେଳେ ସେଠାରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲ୍ଲାର ବରିଷ୍ଠ ରାଜନେତା ତଥା ବିଧାୟକ ପ୍ରଫୁଲ୍ଲ ସାମଲ, ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ଜିଲ୍ଲା ପର୍ଯ୍ୟବେକ୍ଷକ ସଞ୍ଜୟ ଦାସ ବର୍ମା, ସାଂସଦ ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ରାଜ୍ୟ ବିଜେଡି ସମ୍ପାଦକ ପ୍ରୟାସ



କାନ୍ତି ସାମଲ, ଜିଲ୍ଲା ପରିଷଦ ସଭ୍ୟ ପ୍ରଫୁଲ୍ଲ ଜେନା, ଜିଲ୍ଲା ସଭାପତି ଜଗନ୍ନାଥ ସ୍ୱାଇଁ ପ୍ରମୁଖ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

ଏହାପରେ ଜନସଭାକୁ ଉଦବୋଧନ ଦେଇ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବୈତରଣୀ ବାମ ପାର୍ଶ୍ୱ ଓ କୋଚିଲା ବାମ ଏବଂ ଦକ୍ଷିଣ ପାର୍ଶ ବନ୍ଧର ସଦୃଢ଼ୀକରଣ ସହିତ ବୈତରଣୀ ନଦୀରେ ଏକୀକୃତ ଆନ୍ତଃ ନଦୀ ଜଳ ସଂରକ୍ଷଣ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଖୁବ ଶୀଘ୍ର ଆରମ୍ଭ ହେବ ବୋଲି ଘୋଷଣା କରିଥିଲେ। ଏହାଛଡା ବିରିଡି ରେଳ ଧାରଣା ଠାରୁ ତିନିତର ବୈତରଣୀ ଘାଟ ପର୍ଯ୍ୟନ୍ତ ନଦୀବନ୍ଧର ପକ୍କା ରାସ୍ତା ନିର୍ମାଣ ସହିତ ଅନ୍ୟାନ୍ୟ ପ୍ରକଳ୍ପ ବାବଦରେ ସେ ଜନସମାବେଶକୁ ଉଦବୋଧନ ଦେଇଥିଲେ। ଏହାପରେ ସାଂସଦ, ବିଧାୟକ ଓ ଜିଲ୍ଲା ପ୍ରଶାସନ ସହିତ ୫-ଟି ଅଧ୍ୟକ୍ଷ ନଦୀବନ୍ଧରେ ଯାତ୍ରା କରିବା ସହିତ ବାଲିପୋଖରୀ, କଣ୍ଟି ଏସ୍କେପକୁ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ଜିଲ୍ଲାପାଳ ସିଦ୍ଧେଶ୍ୱର (ଭିତର ପୃଷ୍ଠାରେ)

# କୃଷକ-ଏମ୍ଏସ୍ଏମ୍ଇକୁ ଋଣ ମିଳିବା ହେବ ସହଜ, ଆରବିଆଇ ଆଣିବ ନୂଆ ଯୋଜନା

**ନୂଆଦିଲ୍ଲୀ, ୨୪।୨**

ଋଣ ପାଇବାରେ କୃଷକ ଏବଂ କ୍ଷୁଦ୍ର ବ୍ୟବସାୟୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଦୂର ହେବାକୁ ଯାଉଛି। ରିଜର୍ଭ ବ୍ୟାଙ୍କ ଏଥିପାଇଁ ଏକ ନୂଆ ଯୋଜନା ପ୍ରସ୍ତୁତ କରିବାକୁ ଯାଉଛନ୍ତି। କୃଷକ ଏବଂ ଏମଏସଏମଇକୁ ଋଣ ପାଇଁ ୟୁପିଆଇ ପରି ପ୍ଲାଟଫର୍ମ ଆଣିବାକୁ ଆରବିଆଇ ଚିନ୍ତା କରୁଛି।

ଏହି ପ୍ରସ୍ତାବିତ କ୍ରେଡିଟ ବିତରଣ ପ୍ଲାଟଫର୍ମ ୟୁପିଆଇ ଡିଜିଟାଲ ପେମେଣ୍ଟ ପାଇଁ କାର୍ଯ୍ୟ କରୁଥିବା ପରି କାର୍ଯ୍ୟ କରିବ । ଏହା କୃଷକ ଏବଂ ଏମଏସଏମଇ ପାଇଁ ଋଣ ପ୍ରକ୍ରିୟାକୁ ସରଳ କରିବ। ଆରବିଆଇ ଅନୁସାରେ ଡିଜିଟାଲ ଇଣ୍ଟରଫେସ ମାଧ୍ୟମରେ ଗ୍ରାହକ ଋଣ ବର୍ତ୍ତମାନ ସାଧାରଣ କାର୍ଯ୍ୟ ପାଲଟିଛି। କିନ୍ତୁ କୃଷକ ଏବଂ କ୍ଷୁଦ୍ର ବ୍ୟବସାୟୀଙ୍କୁ ଋଣ ପାଇବା ପାଇଁ ବ୍ୟାଙ୍କଗୁଡିକ ବୁଲିବାକୁ ପଡିବା ସହ ହଇରାଣ ହେବାକୁ ହୋଇଥାଏ।

ଆରବିଆଇ ଅନୁଯାୟୀ, ପ୍ରସ୍ତାବିତ କ୍ରେଡିଟ ପ୍ଲାଟଫର୍ମ କୃଷକ ଏବଂ



ଏମ୍ଏସ୍ଏମ୍ଇ ପାଇଁ ଋଣ ପ୍ରକ୍ରିୟାକୁ ସହଜ କରିବ। ବର୍ତ୍ତମାନ କୃଷକମାନଙ୍କୁ କୃଷି ଋଣ କିମ୍ବା କିଷାନ କ୍ରେଡିଟ କାର୍ଡ ପାଇବା ପାଇଁ ବ୍ୟାଙ୍କ ସହିତ ଜମି ରେକର୍ଡ ରଖିବା ବିଭାଗକୁ ଯିବାକୁ ପଡୁଛି। (ଭିତର ପୃଷ୍ଠାରେ)

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ସର୍ବବୃହତ ଶସ୍ୟ ସଂରକ୍ଷଣ ପାଇଲଟ ପ୍ରକଳ୍ପର ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୨୪।୨**

ଲୋକସଭା ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଋଷୀଙ୍କୁ ଉପହାର ପ୍ରଦାନ କରିଛନ୍ତି। ଶନିବାର ନୂଆଦିଲ୍ଲୀର ପ୍ରଗତି ମୈଦାନରେ ଥିବା ଭାରତ



ମଣ୍ଡପମରେ ପୃଥିବୀର ସର୍ବବୃହତ ଶସ୍ୟ ସଂରକ୍ଷଣ ପାଇଲଟ ପ୍ରକଳ୍ପର ଉଦଘାଟନ କରିଛନ୍ତି । ଏହି ଯୋଜନା ଦେଶର ୧୧ଟି ରାଜ୍ୟର ୧୧ଟି ପ୍ରାଥମିକ କୃଷି ଋଣ ସମିତି(ପ୍ୟାକ୍) (ଭିତର ପୃଷ୍ଠାରେ)




30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୫ ଫେବୃୟାରୀ ୨୦୨୪ ରବିବାର



# ଜନବସତି ମୁହାଁ ଜଙ୍ଗଲୀ ଜୀବଜନ୍ତୁ:ପାଣି ପିଇବାକୁ ଆସି ହରିଣ ପଶିଲା ଗାଁରେ



**ମହାକାଳପଡ଼ା, ନ୍ୟୁଜ୍ ବ୍ୟୁରୋ**

ମହକାଳପଡ଼ା ବ୍ଲକ ସୁନତି ପଞ୍ଚାୟତ କଣ୍ଟିଲୋ ଗ୍ରାମରେ ଏକ ଦୁଇ ବର୍ଷର ଅଣ୍ଡିରା ହରିଣ ଗାଁ ଭିତରକୁ ପଶି ଆସିଥିଲା । ଯାହାର ବୁଲାବୁଲି କରିବା ଓ ଏଣେ ତେଣେ ଦୌଡ଼ିବା ଦେଖି କଣ୍ଟିଲୋ ଗ୍ରାମର ଲୋକମାନେ ଏ ନେଇ ବନବିଭାଗକୁ ଖବର ଦେଇଥିଲେ । ବନବିଭାଗର କର୍ମଚାରୀମାନେ ଆସି ହରିଣକୁ ଧରି ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ଛାଡ଼ିଛନ୍ତି । ଏବେ ଖରାଦିନ ଆସିଲାଣି ଜଙ୍ଗଲରେ ପାଣିର ଅଭାବ ଦେଖାଦେଇଛି । ଯାହା ପାଇଁ ଜୀବଜନ୍ତୁ ମାନେ ଗାଁ ଭିତରକୁ ଆସି ପୋଖରୀରୁ ପାଣି ପିଇବା ପାଇଁ ବ୍ୟଗ୍ର ହୋଇପଡ଼ିଥିବା ଲକ୍ଷ୍ୟ କରାଯାଉଛି । କଣ୍ଟିଲୋ ଗ୍ରାମରେ ହରିଣ ପଶିବା ଓ ଜଙ୍ଗଲ ମଧ୍ୟରେ ପାଣିର ଅଭାବ ପରିଲକ୍ଷିତ ହେବା ଘଟଣାକୁ ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଜଗତଜୋର ଫରେଷ୍ଟର ରୋଜାଲିନ୍ ଦାସ ତାଙ୍କ ଟିମ୍ ସହିତ ପହଞ୍ଚି ହରିଣଟିକୁ ତାଙ୍କ କବ୍‌ଜାକୁ ନେଇଥିଲେ । ପରେ ପ୍ରାଣୀ ଚିକିତ୍ସା ବିଭାଗ ଦ୍ୱାରା ଚିକିତ୍ସା କରିବା ପରେ ଜଙ୍ଗଲ ମଧ୍ୟକୁ ଛଡ଼ା ଯାଇଛି । ତେବେ ଜଙ୍ଗଲ ମଧ୍ୟରେ ଜୀବଜନ୍ତୁ ମାନଙ୍କ ପାଇଁ କି ପ୍ରକାରର ବ୍ୟବସ୍ଥା କରାଯାଇଛି ଯାହାକୁ ତର୍ଜମା କରିବାର ସମୟ ଆସିଛି ବୋଲି ଆଲୋଚନା ହୋଇଛି ।

# ବଢୁଛି ହାତୀ ବିତ୍ପାତ:ଆନ୍ଦୋଳନ ପାଇଁ ସଜବାଜ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ପଡିଆବାହାଲ ଓ ବଡସାହିର ଫରେଷ୍ଟ ରେଞ୍ଜରେ ଦିନକୁ ଦିନ ହାତୀ ବିତ୍ପାତ ବଢୁଥିଲେ ସୁଦ୍ଧା ଏହାର ପ୍ରତିକାର ବା କ୍ଷତିପୂରଣ ଦେବାରେ ବିଫଳ ହୋଇଛି ବନ ବିଭାଗ । ଫଳରେ ଏହାର ପ୍ରତିବାଦରେ ଜନପ୍ରତିନିଧି ଓ ଜନତା ଏକ ହୋଇ ଆନ୍ଦୋଳନ ମୁହାଁ ହେବାକୁ ସଜବାଜ ହେଉଛନ୍ତି । ଏନେଇ ଡଙ୍ଗରପଡା ସରପଞ୍ଚ ଅୟସକାନ୍ତ ବଡପଣ୍ଡା ଏକ ବାର୍ତ୍ତା। ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ପଠାଇ ଆନ୍ଦୋଳନକୁ ବ୍ୟାପକ କରାଯିବାକୁ ଚେତାବନୀ ଶୁଣାଇଛନ୍ତି । କେବଳ ପଡିଆବାହାଲ କି ବଡସାହିର କାହିଁକି ବରଂ ଯୁଯୋମୁରା,



ନାକଟୀଦେଉଳ, ମାନେଶ୍ୱର ଓ ରେଢାଖୋଲ ବ୍ଲକରେ ହାତୀ ଫସଲ ନଷ୍ଟ କରିବା ସହିତ ଘର ଭାଙ୍ଗି ଧାନ ଚାଉଳ ଖାଇବା ଗତ ୫ ବର୍ଷ ଧରି ଏହା ନିତି ଦିନିଆଁ ଘଟଣାରେ ପରିଣତ ହୋଇଛି । କିନ୍ତୁ ଉପର ଠାଉରିଆ ଭାବେ ବନ ବିଭାଗ କାମ କରି ନିଜର ଅସହାୟତା ପ୍ରକାଶ କରିବା ଓ କ୍ଷତିଗ୍ରସ୍ତ ପରିବାରକୁ ଆଶା ଜନକ କ୍ଷତିପୂରଣ ପ୍ରଦାନରେ ବିଫଳ ହୋଇଥିବାରୁ ଗାଁ ଗାଁରେ ଲୋକେ ତାତିଲେଣି । ଏପରିକି ଗତ ୧୦ ଦିନ ତଳେ କଦଳିମୁଣ୍ଡାରେ ବ୍ୟାପକ କ୍ଷତି ଯୋଗୁଁ ଅଞ୍ଚଳର ବରିଷ୍ଠ ନେତା ସୁବୋଧ କୁମାର ବେହେରା ପଡିଆବାହାଲ ରେଞ୍ଜରଙ୍କୁ ଭେଟି ବିହିତ ପଦକ୍ଷେପ ପାଇଁ ଅନୁରୋଧ କରିଥିଲେ । ପୁଣି ଡଙ୍ଗରପଡା ଓ ସରଖଣ୍ଡିରେ ହାତୀ ଏକାଧିକ ଘର ଭାଙ୍ଗିଥିବାରୁ ଲୋକେ ଏଥିରେ ଭୟଭୀତ ହୋଇ ପ୍ରଶାସନର ଉଦାସୀନତାକୁ ନେଇ ଜିଲ୍ଲାପାଳ, ଡିଏଫଓ, ରେଞ୍ଜର କାର୍ଯ୍ୟାଳୟକୁ ଏକ କାଳିନ ଘେରିବାକୁ ସାମ୍ବାଦିକ ମାନଙ୍କୁ ବାର୍ତ୍ତାରେ ଡଙ୍ଗରପଡା ସରପଞ୍ଚ ଚେତାବନୀ ଶୁଣାଇଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ରାତିରେ ସୁଧାଂଶୁ ଶେଖର ସାହୁ, ରୋଦ ବେହେରା, ନୃପ ବାଗ, ରଜତ ପ୍ରଧାନ, ସଂଯୁକ୍ତା ପ୍ରଧାନ, ସୀତାରାମ ମାଝୀ, ଲକ୍ଷ୍ମଣ ବରର୍ଗ୍ତି ପ୍ରମୁଖଙ୍କ ଘର, କୁକୁଡା ଘର, ପମ୍ପ ହାଉସ ପ୍ରଭୃତି ନଷ୍ଟ ଭ୍ରଷ୍ଟ କରି ଧାନ ଚାଉଳ ଖାଇଥିବା ନେଇ ବନ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା ବନ ବିଭାଗ ପକ୍ଷରୁ କୌଣସି ଆଖି ଦୃଷ୍ଟିଆ କାମ କରିପାରିନି । ଫଳରେ ଜନ ଅସନ୍ତୋଷ ତେଜିବାରେ ଲାଗିଛି । ହାତୀ ବିତ୍ପାତକୁ ନେଇ ବନ ବିଭାଗ ନିଜର ପାରଦର୍ଶିତା ଦେଖାଇ ନପାରିଲେ ବାହାମ, ଡଙ୍ଗରପଡା, ନୂଆଁବରଙ୍ଗାମାଲ, ଘେନୁପାଲି ପ୍ରଭୃତି ପଞ୍ଚାୟତ ଏକାଠି ହୋଇ ହାତୀ ବିତ୍ପାତର ସମାଧାନ ପାଇଁ ଜନ ଆନ୍ଦୋଳନକୁ ତୀବ୍ରତର କରିବାକୁ ନିଷ୍ପତ୍ତି ନେଉଥିବା ସୂଚନା ମିଳିଛି ।

## ଆଜି ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଆବିର୍ଭାବ ମହୋତ୍ସବ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ଯାଜପୁର ଜିଲ୍ଲାସ୍ତରୀୟ ପୁଣ୍ୟ ୧୩୬ ତମ ଆବିର୍ଭାବ ମହୋତ୍ସବ ଏବଂ ୨୫ ତମ ଶ୍ରୀମନ୍ଦିର ଉଦ୍‌ବୋଧନୀ (ରଜତ ଜୟନ୍ତୀ) ସ୍ମୃତି ମହୋତ୍ସବ ୨୫ ତାରିଖ ରବିବାର ଯାଜପୁର ସତ୍‌ସଙ୍ଗ ବିହାର ସନ୍ନିକଟ ନହରପଦା ଗ୍ରାମ ପଡ଼ିଆ ଠାରେ ଅନୁଷ୍ଠିତ ହେବ ବୋଲି ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ଏହି ଉପଲକ୍ଷେ ଯାଜପୁର ସତ୍‌ସଙ୍ଗ ବିହାର ପରିସରରେ ଉତ୍ସବ କମିଟିର ଉପଦେଷ୍ଟା ଡ. ବିଜୟ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ସତ୍‌ସଙ୍ଗ ବିହାର ସଭାପତି ଗୋବିନ୍ଦ ଚନ୍ଦ୍ର ବାରିକ, ସମ୍ପାଦକ ଅଚ୍ୟୁତାନନ୍ଦ ପତି, ଉତ୍ସବ କମିଟି ସମ୍ପାଦକ ସଞ୍ଜୟ ପଣ୍ଡା, ସଭ୍ୟ ଶିଶିର ରଞ୍ଜନ ମାନଧାତା ପ୍ରମୁଖ ସାମ୍ବାଦିକମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ସୂଚନା ଅନୁଯାୟୀ ରବିବାର ଦିବସବ୍ୟାପୀ କାର୍ଯ୍ୟକ୍ରମରେ ପ୍ରତ୍ୟୁଷରେ ଉଷା କୀର୍ତ୍ତନ ପରେ ୮ଟାରେ ଉତ୍ସବ ଉଦ୍‌ଘାଟନ ପରେ ଦିନ ୧୧.୩୦ମି. ସମୟରେ ସତ୍‌ସଙ୍ଗ ସାଧାରଣ ସଭା ଅନୁଷ୍ଠିତ ହେବ । ଏହି ଉତ୍ସବରେ ପୂଜନୀୟ ଅଜିତାଭ ଚକ୍ରବର୍ତ୍ତୀ, ମୁଖ୍ୟ ଅତିଥି ସତ୍‌ସଙ୍ଗର ସହ-ସମ୍ପାଦକ ଡ. ବିନାୟକ ମହାପାତ୍ର, କେନ୍ଦ୍ର ସତ୍‌ସଙ୍ଗ ଦେଓଘର ନିୟତ କର୍ମୀ ଶ୍ରୀଧର ସୁନ୍ଦର ମିଶ୍ରଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସହ ବିହାର, ବେଙ୍ଗଲ ଓ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଏହି ଉତ୍ସବରେ ପାଖାପାଖି ୩୦ ହଜାର ଭକ୍ତ ଓ ଶ୍ରଦ୍ଧାଳୁ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

# ଗୁଣି ଗାରେଡ଼ି ପ୍ରଥା ସମାଜର ଏକ କୁତ୍ସିତ ଚିନ୍ତାଧାରା

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଆନୁକୁଲ୍ୟରେ ଏବଂ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ତତ୍ତ୍ୱାବଧାନରେ 'ଡାହାଣୀ ପ୍ରଥାକୁ ନା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନା ଚକ୍ରରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଅନିତା ପାତ୍ର ଓଡ଼ିଶା ଡାହାଣୀ ଚିହ୍ନଟ ଓ ମାରଣ ନିବାରଣ ଆଇନ୍ ୨୦୧୩ ବିଷୟରେ ଉଲ୍ଲେଖ କରିଥିଲେ । ଡାହାଣୀ ଚିହ୍ନଟ, ଗୁଣି ଗାରେଡ଼ି ଭଳି ପ୍ରଥାକୁ ସେ ସମାଜର ଅତ୍ୟନ୍ତ କୁତ୍ସିତ ଓ କଳୁଷିତ ଅଧ୍ୟାୟ ବୋଲି ଅଭିହିତ କରି ଶିକ୍ଷା ଓ ସଚେତନତା ହିଁ ଏହାର ସମାଧାନ ବୋଲି ମତବ୍ୟକ୍ତ କରିଥିଲେ । ଉପସ୍ଥିତ ସମସ୍ତଙ୍କୁ, ବିଶେଷ କରି ନର୍ସିଂ ସ୍କୁଲରୁ ଆସିଥିବା ବିଦ୍ୟାର୍ଥୀ ମାନଙ୍କୁ ସେ ଆଗାମୀ ପୀଢ଼ିର ସୈନିକ ସାଜି ଏହି ସଚେତନତା ଅଭିଯାନର କାର୍ଯ୍ୟଭାର ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ । ଫଳରେ ଏହି ଅନ୍ଧବିଶ୍ୱାସର ଦୁରୀକରଣ ହୋଇପାରିବ ବୋଲି ସେ ଆଶା ପ୍ରକାଶ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ କହିଥିଲେ ଯେ, ଆଜି ବିଜ୍ଞାନର ଅଭିବୃଦ୍ଧିରେ ମନୁଷ୍ୟ



ସଭ୍ୟତାର ଚରମ ସୋପାନରେ ପହଞ୍ଚି ଥିଲେ ମଧ୍ୟ ଅନ୍ଧବିଶ୍ୱାସ ଓ କୁସଂସ୍କାରର ବଶବର୍ତ୍ତୀ ହୋଇ ରହିଛି । ଡାହାଣୀ, ଗୁଣିଆ ଆଦି ଏହି ସମାଜିକ ବ୍ୟାଧିକୁ ଦୂର କରିବାକୁ ହେଲେ ସମସ୍ତଙ୍କୁ ସମାଜରେ ସଚେତନତା ଧର୍ମୀ ଭୂମିକା ଗ୍ରହଣ କରି ନିଜ ପରିବାର ତଥା ପରିବେଶରୁ ଏହାକୁ ଦୂର କରିବାକୁ ପଡିବ ବୋଲି ଶ୍ରୀ ସାହୁ କହିଥିଲେ । ଆହୁରି ମଧ୍ୟ ପଞ୍ଚାୟତର ଅଙ୍ଗନବାଡି କେନ୍ଦ୍ର ମାନଙ୍କରେ ହେଉଥିବା ଅଦ୍ୱିକା ବୈଠକରେ ଏହି ସମ୍ବେଦନଶୀଳ ତଥା ସାମାଜିକ ବ୍ୟାଧି ବିଷୟରେ ଆଲୋଚନା କରିବା ପାଇଁ ଉପ ଜିଲ୍ଲାପାଳ ଆଇସିଡିଏସ ସୁପରଭାଇଜର ମାନଙ୍କୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରମୋଦ କୁମାର ବାରିକ ନିଜର ଅଭିଜ୍ଞତାରୁ ଅନେକ ଉଦାହରଣ ମାଧ୍ୟମରେ ଏହି କୁସଂସ୍କାରକୁ ଦୂର କରିବା ପାଇଁ ସଚେତନ କରିଥିଲେ । ବିଶ୍ଳେଷଣ ମାଧ୍ୟମରେ ସତ୍ୟର ଅନୁସନ୍ଧାନ କରି ସମାଜିକ କୁସଂସ୍କାରକୁ ଦୂରୀଭୂତ କରିବା ପାଇଁ ସେ ଉପସ୍ଥିତ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଉପ ଆରକ୍ଷୀ ଅଧୀକ୍ଷକ ସରୋଜିନୀ ସିଂହ ମଧ୍ୟ ଅତିଥି ଭାବେ ଯୋଗଦେଇ ନିଜର ଅଭିଜ୍ଞତା ବାଢିଥିଲେ ଏବଂ ଶିକ୍ଷା ଓ ସଚେତନତା ହିଁ ଏହାର ନିରାକରଣ ବୋଲି କହିଥିଲେ । ଶେଷରେ ରିସୋର୍ସ ପର୍ସନାଲ ଭାବେ ଯୋଗଦେଇ ସିନିୟର କନସଲଟାଣ୍ଟ ଫକୀର ଚରଣ ରାଉତ ବିଭିନ୍ନ ଉଦାହରଣ ମାଧ୍ୟମରେ ଡାହାଣୀ ଚିହ୍ନଟ ଯୋଗୁ ଦୈନନ୍ଦିନ କେତେ ସଂଖ୍ୟକ ମହିଳା ନିର୍ଯାତନାର ଶିକାର ହେଉଥିବା ଦୃଷ୍ଟାନ୍ତ ଦେଇଥିଲେ । କେବଳ ସେତିକି ନୁହେଁ ବରଂ ପୁରୁଷ କୈନ୍ଦ୍ରିକ ସାମାଜିକ ବ୍ୟବସ୍ଥାରେ ନାରୀ କିପରି ଭାବରେ କୁସଂସ୍କାରର ଶିକାର ହେଉଛନ୍ତି ସେ ବିଷୟରେ ଉଲ୍ଲେଖ କରିଥିଲେ । ଓଡ଼ିଶା ସରକାରଙ୍କ ଡାହାଣୀ ଚିହ୍ନଟ ଓ ମାରଣ ନିବାରଣ ଆଇନ୍ ୨୦୧୩ର ଅସ୍ତିତ୍ୱ ଥାଇ ମଧ୍ୟ ସମାଜରେ ଏହି କଳୁଷିତ ଅଧ୍ୟାୟର ପୂର୍ଣ୍ଣଚ୍ଛେଦ ନିମନ୍ତେ ସଚେତନତା ଓ ସହଭାଗିତାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । ଏହି ଆଲୋଚନା ଚକ୍ରରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନମିତା ରାଉତ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରୋଗ୍ରାମ ଅଫିସର ଅଂଶୁପା ସାହୁ ସଭାକାର୍ଯ୍ୟ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଜିଲ୍ଲା ସ୍ତରୀୟ ଆଲୋଚନା ଚକ୍ରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରାଜ୍ୟଶ୍ରୀ ସାହୁ, ଡିପିସି ମିଶନ ଶକ୍ତି, ଅନ୍ୟ ବିଭାଗୀୟ ଅଧିକାରୀ, ନର୍ସିଂ କଲେଜ ଛାତ୍ରଛାତ୍ରୀ, ଆଇସିଡିଏସ ସୁପରଭାଇଜର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

## ବାରିପଦାରେ ବିଜେପିର ବିଜୟ ସଂକଳ୍ପ ସମାବେଶ

# ମୋଦିଙ୍କ ନେତୃତ୍ୱରେ ଦେଶରେ ବିକାଶଧାରା ବଢ଼ିଚାଲିଛି

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ବାରିପଦା ଗସ୍ତରେ ଆସି ବାରିପଦା ଛଉ ପଡିଆ ଠାରେ ଆୟୋଜିତ ମୟୁରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଏବଂ ଭଦ୍ରକ ଲୋକସଭା କ୍ଷେତ୍ର ପାଇଁ ସଂକଳ୍ପ ସମାବେଶରେ ଯୋଗଦେଇ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାରତ ବିକାଶ ଦ୍ରୁତ ଗତିରେ ହେଉଛି ବୋଲି କହିବା ସହିତ କଂଗ୍ରେସର ନୀତିକୁ ସମାଲୋଚନା କରି କଂଗ୍ରେସ ଏକ ଭ୍ରଷ୍ଟ ଦଳ ଭାରତବର୍ଷ ପରି ଏକ ବିକାଶଶିଳ ରାଷ୍ଟ୍ରକୁ ମୋଦିଙ୍କ ପରି ଉର୍ଜାବାନ ନେତାଙ୍କର ଆବଶ୍ୟକତା ରହିଛି ବୋଲି କହିଥିଲେ । କଂଗ୍ରେସ ଶାସନ ସମୟରେ ଅନ୍ତରାଷ୍ଟ୍ରୀୟ କ୍ଷେତ୍ରରେ ଭାରତକୁ ଅନ୍ୟଦେଶମାନେ ଖାତିର କରୁନଥିବା ବେଳେ ମୋଦିଙ୍କର ୯ ବର୍ଷର ଶାସନ ମଧ୍ୟରେ ସାରା ବିଶ୍ୱ ଆଜି ଭାରତକୁ ପ୍ରଶଂସା କରୁଛି । ସେହିପରି କଂଗ୍ରେସ ସମୟରେ ବିଶ୍ୱର ଅର୍ଥନୀତି ତାଲିକାରେ ଭାରତ ୧୧ତମ ସ୍ଥାନରେ ଥିବା ବେଳେ ଆଜି ମୋଦିଙ୍କ ନେତୃତ୍ୱରେ ଭାରତ ପଞ୍ଚମ ସ୍ଥାନକୁ ପହଞ୍ଚିଛି ଏବଂ ୨୦୨୭ ମସିହା ସୁଦ୍ଧା ଭାରତ ବିଶ୍ୱର ପ୍ରମୁଖ ୩ଟି ଦେଶ ଭିତରେ ରହିବ । ମୋଦିଙ୍କ ଅମଳରେ ଦେଶରୁ ତିନି



ତଲାକ, ୩୭୦ ଧାରା ଆଦି ଉଚ୍ଛେଦ ହେବା ସହ ଅଯୋଧ୍ୟାରେ ଭବ୍ୟ ରାମ ମନ୍ଦିର ପ୍ରତିଷ୍ଠା ହୋଇପାରିଛି । ଦେଶର ସବୁବର୍ଗର ଲୋକଙ୍କ ହିତ ପାଇଁ ମୋଦି ସଂକଳ୍ପବଦ୍ଧ । ମହିଳା, ଆଦିବାସୀ, ଚାଷୀ, ଶ୍ରମିକ ସମସ୍ତଙ୍କ ପାଇଁ କେନ୍ଦ୍ର ସରକାର କଲ୍ୟାଣ ମୂଳକ ଯୋଜନାମାନ ପ୍ରଣୟନ କରିଛନ୍ତି । ଓଡ଼ିଶା ତଥା ମୟୁରଭଞ୍ଜ ଜିଲ୍ଲାର ଜଣେ ଆଦିବାସୀ ମହିଳାଙ୍କୁ ସମ୍ବିଧାନର ସର୍ବୋଚ୍ଚ ସାମ୍ବିଧାନିକ ପଦ ରାଷ୍ଟ୍ରପତି ପ୍ରାର୍ଥୀ ଭାବରେ ଚୟନ କରିବା, ମହିଳା ମାନଙ୍କୁ ୩୩ ଶତକଡା ସଂରକ୍ଷଣ ଦେବା ମୋଦିଙ୍କର ମହାନତାକୁ ଦର୍ଶାଉଛି । ଲୋକଙ୍କ ପାଇଁ ଶିକ୍ଷା, ଗମନାଗମନ, ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ ଆଦି କ୍ଷେତ୍ରରେ ଭାରତ କଂଗ୍ରେସ ଅମଳରେ ବହୁ ପଛରେ ପଡ଼ିଥିବା ବେଳେ ଏବେ ମୋଦିଙ୍କ ନେତୃତ୍ୱରେ ଦ୍ରୁତ ଗତିରେ ଆଗଉଛି । କଂଗ୍ରେସ ଅମଳରେ ରାଜ୍ୟମାନେ ବହୁ କମ୍ ଆର୍ଥିକ ଅନୁଦାନ ପାଉଥିବା ବେଳେ, ଏବେ ମୋଦି ହାତ ଖୋଲି ଦେଇଛନ୍ତି । ଗତ ୨୦୧୯ ସାଧାରଣ ନିର୍ବାଚନରେ ୩୭୦ ଆସନ ନେଇ କେନ୍ଦ୍ରରେ ବିଜେପି ସରକାର ଗଠନ କରିବା ପରେ ସେହି ଧାରାରେ ୨୦୨୪ ନିର୍ବାଚନରେ ୪୦୦ରୁ ଅଧିକ ଲୋକସଭା ଆସନରେ ଭାରତୀୟ ଜନତା ପାର୍ଟି ବିଜୟ ଲାଭ କରିବାର ସଂକଳ୍ପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନେଇଛନ୍ତି । ସେହି ସଂକଳ୍ପକୁ ସମସ୍ତେ ମିଶି ପୂରଣ କରିବାକୁ ସମବେତ କର୍ମୀଙ୍କୁ ଉଦ୍‌ବୋଧନ ଦେଇଥିଲେ ।

## ଦେଶୀମଦ ସମେତ ସ୍କୁଟର ଜବତ:ଜଣେ ଗିରଫ

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ଦେଶୀ ମଦ ଚୋରା ଚାଲାଣ କରୁଥିବା ସମୟରେ ଜଣେ ମଦ ବେପାରୀକୁ ଗିରଫ କରିଛି ନନ୍ଦନକାନନ ଥାନା ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଉଛନ୍ତି ଉକ୍ତ ଥାନା ଗଣ୍ଡରପୁର ଗ୍ରାମର ମଙ୍ଗରାଜ ରାଉତ (୫୩) । ପୋଲିସ ତା ନିକଟରୁ ୪୫ ଲିଟର ଦେଶୀ ମଦ ଜବତ କରିବା ସହ ଏକ ସ୍କୁଟରକୁ ମଧ୍ୟ ଜବତ କରିଛି । ସୂଚନା ମୁତାବକ ବୁଧବାର ସନ୍ଧ୍ୟା ସମୟରେ ଅଭିଯୁକ୍ତ ମଙ୍ଗରାଜ ପଦାସାହି ନିକଟ ଲେବଲ୍ କ୍ରସିଂ ନିକଟରେ ସ୍କୁଟର ଯୋଗେ ମଦ ନେଇ ନିଜ ଘର ଅଭିମୁଖେ ଆସୁଥିବା ସମୟରେ ବିଶେଷ ସୂତ୍ରରୁ ଖବରପାଇ ନନ୍ଦନକାନନ ପୋଲିସ ତାକୁ ଗିରଫ କରିଥିଲା । ପୋଲିସ ତା ନିକଟରୁ ୪୫ ଲିଟର ଦେଶୀମଦ ଓ ଚାଲାଣରେ ବ୍ୟବହୃତ ସ୍କୁଟର ଜବତ କରିଛି । ଏ ସଂକ୍ରାନ୍ତରେ ନନ୍ଦନକାନନ ଥାନା ଅଧିକାରିଣୀ ସମିତା ମିଶ୍ର କେସ୍ ନଂ ୪୬/୨୪ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଅଦାଲତ ଚାଲାଣ କରିଛି ।

# ଆଇନ୍‌ସେବା ପ୍ରତିପକ୍ଷ ଓକିଲଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା କୋର୍ଟ ପରିସରରେ ଆଇନ୍‌ସେବା ପ୍ରତିପକ୍ଷ ଓକିଲଙ୍କ କାର୍ଯ୍ୟାଳୟ ଉଦ୍‌ଘାଟନ ହୋଇଯାଇଛି । ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ କ୍ରମେ ଗୁରୁବାର ରାଜ୍ୟର ୩୦ ଗୋଟି ଜିଲ୍ଲାରେ ଉଦ୍‌ଘାଟନ ହେଉଥିବା ବେଳେ ଗୁରୁବାର କେନ୍ଦ୍ରାପଡାରେ ଜିଲ୍ଲା ଓ ଦୌରାଜଜ୍ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ଏହି କାର୍ଯ୍ୟାଳୟରେ ୩ ଜଣ ଆଇନଜୀବୀ ଗଗନ ବିହାରୀ ଖଟୁଆ, ଅନନ୍ତ ବଲ୍ଲଭ ଶତପଥୀ, ଶ୍ୱାଶ୍ୱତ ନିର୍ମଳ ସହକାରୀ ପ୍ରତିପକ୍ଷ ଓକିଲ ଭାବେ ନିଯୁକ୍ତି ପାଇଛନ୍ତି ।




ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିବାର ଅଦାଲତ ବିଚାରପତି ବିକାଶ ଚନ୍ଦ୍ର ଦେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଅଜୟ କୁମାର ପ୍ରଧାନ, ପୋକ୍ସୋର ପ୍ରଣତୀ ପଟ୍ଟନାୟକ, ସିପ୍ରା ପଣ୍ଡାଙ୍କ ସହ ସମସ୍ତ ବିଚାରପତି ଉପସ୍ଥିତ ଥିଲେ । ଏଥି ସହିତ ଓକିଲ ସଂଘର ସଭାପତି ବିଚିତ୍ରାନନ୍ଦ ମହାନ୍ତି, ସଂପାଦକ ଧନୁର୍ଦ୍ଧର ନାୟକ, ସରକାରୀ ଓକିଲ ନିରଞ୍ଜନ ବଳଙ୍କ ସହିତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଫକୀରମୋହନ ବିଶ୍ୱ ବିଦ୍ୟାଳୟ ଏବଂ ଆଇଏମଆଇ, ଭୁବନେଶ୍ୱର ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ

**ବାଲେଶ୍ୱର, ନ୍ୟୁଜ୍**

ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର ଏବଂ ଇଣ୍ଟରନ୍ୟାସନାଲ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍, ଭୁବନେଶ୍ୱର କ୍ୟାମ୍ପସ୍‌ରେ ପାରସ୍ପରିକ ସମନ୍ୱିତ ବିକାଶ ସହ ଅନୁସନ୍ଧାନ, ସହଯୋଗ ଏବଂ ତାଲିମ ପାଇଁ ଏକ ଏମ୍‌ଓୟୁ ସ୍ୱାକ୍ଷର ହୋଇଯାଇଛି । ଫକୀରମୋହନ ବିଶ୍ୱବିଦ୍ୟାଳୟ, ନ୍ୟାକ ଦ୍ୱାରା ଏ ଗ୍ରେଡ ସ୍ୱୀକୃତିପ୍ରାପ୍ତ ରାଜ୍ୟର ଏକ ଅଗ୍ରଣୀ ବିଶ୍ୱବିଦ୍ୟାଳୟ ଯାହାକି ଆନ୍ତଃବିଭାଗୀୟ ଧ୍ୟାନ, ଦୃଢତାର ସହ ବିଭିନ୍ନ ଗୋଷ୍ଠୀ ସମ୍ପ୍ରଦାୟର ସାମଗ୍ରିକ ବିକାଶ କ୍ଷେତ୍ରରେ ଯୋଗଦାନ ରଖିଥାଏ ଏବଂ ନୂତନତ୍ୱ ସହିତ ଉତ୍କର୍ଷଲାଭ ସଂସ୍କୃତି ଏହି ବିଶ୍ୱବିଦ୍ୟାଳୟର ଏକ ସ୍ୱତନ୍ତ୍ରତା ରହିଆସିଛି । ଅନ୍ୟ ପକ୍ଷରେ ୨୦୧୧ରେ ପ୍ରତିଷ୍ଠିତ ହୋଇଥିବା ଇଣ୍ଟରନ୍ୟାସନାଲ ମ୍ୟାନେଜମେଣ୍ଟ ଇନଷ୍ଟିଚ୍ୟୁଟ (ଆଇ.ଏମ.ଆଇ) ହେଉଛି ଏକ ଯୁବ ଅନୁଷ୍ଠାନ ଯାହାକି ଭାରତ ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ।




ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟନାଲ ରାଙ୍କିଙ୍ଗ ଫ୍ରେମାର୍କ (ଏନଆଇଆରଏଫ) ୨୦୨୩ରେ ୬୭ତମ ମାନ୍ୟତା ହାସଲ କରିସାରିଛି । ବିଶ୍ୱବିଦ୍ୟାଳୟର ସମ୍ମାନିତ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସହ ଉପସ୍ଥିତ ପ୍ରତିନିଧି ମଣ୍ଡଳୀରେ କୁଳସଚିବ କୁକୁମିନା ଦାସ, ପିଜି କାଉନସିଲର ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ, ସିଣ୍ଡିକେଟର ସଦସ୍ୟ ତଥା ଲାଇବ୍ରେରୀ ନିର୍ଦ୍ଦେଶକ ପ୍ରଫେସର ସୁର୍ଯ୍ୟେନ୍ଦୁ କୁମାର ଦେ, ଓ ବ୍ୟବସାୟ ପରିଚାଳନା ବିଭାଗ ମୁଖ୍ୟ ଡ଼କ୍ଟର ପଦ୍ମଲିତା ରାଉତ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଇଣ୍ଟରନ୍ୟାସନାଲ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ନିର୍ଦ୍ଦେଶକ ରମେଶ ବେହେଲଙ୍କ ନେତୃତ୍ୱରେ କୁଳପତି ପ୍ରଫେସର ତ୍ରିପାଠୀ ଓ ପ୍ରତିନିଧିଗଣଙ୍କୁ ତାଙ୍କ ଅନୁଷ୍ଠାନର ସମସ୍ତ ଅଧ୍ୟାପିକା ଦଳ ସହିତ ଆଇ.ଏମ.ଆଇ କ୍ୟାମ୍ପସକୁ ସ୍ୱାଗତ କରିଥିଲେ । ବରିଷ୍ଠ ପ୍ରଫେସର ସୁପ୍ରୀତି ମିଶ୍ର, ପ୍ରଫେସର ମନିତ ମିଶ୍ର, ପ୍ରଫେସର ରାମକୃଷ୍ଣ ପାଣିଗ୍ରାହୀ ଏବଂ ସେମାନଙ୍କ ଅଧ୍ୟାପକ ଅଧ୍ୟାପିକାମାନେ ଉକ୍ତ ବୁଝାମଣାପତ୍ର ସ୍ୱାକ୍ଷର ସମାରୋହରେ ଅଂଶଗ୍ରହଣ କରିଥିଲେ । ଏହି ସମାରୋହରେ ଆଇ.ଏମ.ଆଇର ଅଧ୍ୟାପକ ଅଧ୍ୟାପିକା ଓ ଆଇଏମଆଇର ନିର୍ଦ୍ଦେଶକଙ୍କ ସହ କୁଳପତି ପ୍ରଫେସର ତ୍ରିପାଠୀଙ୍କ ଉପସ୍ଥିତିରେ ଅନେକ ଉନ୍ନତିମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଉଭୟ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଉଦ୍ୟୋଗୀ ଏବଂ ଇନକ୍ୟୁବେସନ କାର୍ଯ୍ୟକଳାପ, ଅନୁସନ୍ଧାନ ସହଯୋଗ, ମିଳିତ ସମ୍ମିଳନୀ/ ସେମିନାର/ କର୍ମଶାଳା / ତାଲିମ କାର୍ଯ୍ୟକ୍ରମ ମଧ୍ୟରେ ପାରସ୍ପରିକ ସହଯୋଗ ବୃଦ୍ଧି କରିବାକୁ ଉଭୟ କର୍ତ୍ତୃପକ୍ଷ ସହମତି ପ୍ରଦାନ କରିଥିଲେ । ଆଗାମୀ ବର୍ଷ ଗୁଡିକରେ ପରାମର୍ଶ, ସହଭାଗୀତା ଏବଂ ସହଯୋଗ ମାଧ୍ୟମରେ ବିଭିନ୍ନ କ୍ଷେତ୍ରରେ ପରିବର୍ତ୍ତନ ଏବଂ ନୂତନତା ଆଣିବା ପାଇଁ ଏହି ବୁଝାମଣାପତ୍ର ଏକ ଅନୁକ୍ରମଣିକା ହେବ ବୋଲି ଆଶାପୋଷଣ କରାଯାଇଛି ।

## ଟିଟିଲାଗଡ଼ ଆଇନଜୀବୀ ସଂଘ ପକ୍ଷରୁ ବଲାଙ୍ଗୀର ଜିଲ୍ଲା ଓ ଦୌରାଜଜ୍‌ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଟିଟିଲାଗଡ଼, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ଓ ଦୌରାଜଜ୍ ଡ଼କ୍ଟର ପବିତ୍ର ମୋହନ ସାମଲଙ୍କ ଟିଟିଲାଗଡ଼ ସିଭିଲ କୋର୍ଟ ପରିଦର୍ଶନ କରିବା ଅବସରରେ ଟିଟିଲାଗଡ଼ ଆଇନଜୀବୀ ସଂଘ ତରଫରୁ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ସ୍ଥାନୀୟ ଆଇନଜୀବୀ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଟିଟିଲାଗଡ଼ ଆଇନଜୀବୀ ସଂଘର ସଭାପତି ବରିଷ୍ଠ ଆଇନଜୀବୀ କୃଷ୍ଣଚନ୍ଦ୍ର ସାହୁ ନୂତନ ଜିଲ୍ଲା ଜଜ୍ ଡ଼କ୍ଟର ସାମଲଙ୍କୁ ପୁଷ୍ପଗୁଚ୍ଛ ଦେବା ପରେ ଏବଂ ସଂଘର ବରିଷ୍ଠ ଆଇନଜୀବୀ ରବି ସ୍ୱାଇଁ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି ସଭାରେ ଅନ୍ୟତମ ବିଚାର ବିଭାଗୀୟ ଅଧିକାରୀ ଗଣ ତଥା ଟିଟିଲାଗଡ଼ର ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ସନ୍ଦୀପ କୁମାର ପଟ୍ଟନାୟକ, ସବ୍-ଜଜ୍ ତଥା ସହକାରୀ ଦୌରାଜଜ୍ କୃଷ୍ଣଚନ୍ଦ୍ର ନାୟକ, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶାଶ୍ୱତୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ଏବଂ ଏହି ସଭାରେ ଟିଟିଲାଗଡ଼ ଏବଂ ସଇଁତଳା ବାର୍‌ର ମେମ୍ବର ଗଣ ଉପସ୍ଥିତ ଥିଲେ । ପରି ଶେଷରେ ଟିଟିଲାଗଡ଼ ବାର୍‌ର ସଂପାଦକ ଆଇନଜୀବୀ ମହେଶ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଣ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୫ / ୪ | ୩ବୃ | ରା୨ / ଶୁର‌ବୁଲ୍ଲ |
| ୬ | ୧୧ / ୫ | ମ୍ବଶୁ୧୨ |
| ୭ଚି / ୮କେ | ୯ | ୧୧ / ୧୦ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୨୫।୨।୨୦୨୪, ଫାଲ୍‌ଗୁନ ଦ୧୩ନ, ରବିବାର**

**ସୂର୍ଯ୍ୟୋଦୟ-** ଘ୦୬।୧୦।୪୪ **ଚନ୍ଦ୍ରୋଦୟ-** ସଂଘ ୬।୩୪।୦୬

ପ୍ରତିପଦ ରାଘ ୮।୩୬ ପର୍ଯ୍ୟନ୍ତ । ପୂର୍ବା ଫାଲ୍ଗୁନି ନକ୍ଷତ୍ର - ରାଘ ୧।୨୫ପର୍ଯ୍ୟନ୍ତ । ସିଂହ ଚନ୍ଦ୍ର - ଅହୋରାତ୍ର । **ଚନ୍ଦ୍ର ଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ବିଛା, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର-** କର୍କଟ ଓ ମକର ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ପ୍ରତିପଦର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପାଣି କଖାରୁ ରାଘ ୮।୩୬ ପରେ ବୋଇତି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୧୩ ଗତେ ଘ ୧୦।୦୪ ମଧ୍ୟେ । ଦିଘ ୧।୨୭ ଗତେ ଘ ୧।୫୬ ମଧ୍ୟେ । **ପର୍ବୋତ୍ସବ -** ସୋ-ବେ-ବରାତ୍ ।



**ମେଷ:** ବ୍ୟବସାୟରେ କ୍ଷତି ଘଟିପାରେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହୋଇପାରେ । ମାନସିକ ଅଶାନ୍ତି ଦୂର ହେବ । ଅଧିକ ଭ୍ରମଣ କରି ଶାରୀରିକ ପୀଡ଼ା ଦେଖାଦେଇପାରେ । ଘରେ ଦ୍ୱନ୍ଦ୍ୱ ଦେଖାଦେଇପାରେ ।



**ବୃଷ:** ଭ୍ରମଣ ଯୋଗ ମଧ୍ୟ ରହିଛି । ଶତ୍ରୁ ନାଶ ହେବେ । ସାମାଜିକ ସ୍ତରରେ ସମ୍ମାନିତ ହେବେ । ରୋଜଗାର ଭଲ ହେବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ପରୋପକାରୀ ହେବେ । ମନ ଭଲ ରହିବ ।



**ମିଥୁନ:** କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ବିବାଦୀୟ କ୍ଷେତ୍ରରେ ବିଜୟ ହାସଲ କରିବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ମହିଳାମାନେ ଚିନ୍ତାର୍ଥୀ ହେବେ । ପରୋପକାରୀ ହେବେ ।



**କର୍କଟ:** ଶତ୍ରୁଙ୍କ ଠାରୁ ସତର୍କ ରହିବେ । ବ୍ୟବସାୟ ମଧ୍ୟମ ଧରଣର ହେବ । ଖର୍ଚ୍ଚର ପରିମାଣ ବଢ଼ିବ । ପିଲାଙ୍କ ପାଇଁ ଚିନ୍ତିତ ରହିବେ । ପାରିବାରିକ ଅସନ୍ତୋଷ ଦେଖାଦେବ । ଅଯଥାରେ ଦୂରକୁ ଯାତ୍ରା କରିବାକୁ ପଡ଼ିପାରେ ।



**ସିଂହ:** ଆଜି ଦିନଟି ଭଲରେ କଟିବ । ପରିଶ୍ରମ ଅଧିକ କରିବାକୁ ପଡ଼ିପାରେ । ନୂତନ ଯାନବାହାନ କ୍ରୟ କରିପାରନ୍ତି । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖ ଶାନ୍ତିରେ ବିତିବ । ଦେହ ଭଲ ରହିବ ।



**କନ୍ୟା:** ସାଧନାରେ ସିଦ୍ଧି ଲାଭ କରିବେ । ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିବେ । ବ୍ୟୟ ଯୋଗ ମଧ୍ୟ ରହିଛି । ଦୂରଯାତ୍ରା ମଧ୍ୟ କରିପାରନ୍ତି । ପାରିବାରିକ ଜୀବନ ସୁଖମୟ ହେବ । ସମ୍ମାନିତ ହେବାର ସୂଚନା ।



**ତୁଳା:** କର୍ମକ୍ଷେତ୍ରରେ ସଫଳତା ଦେଖାଦେବ । ଧନ ଲାଭର ସୁଯୋଗ ମଧ୍ୟ ରହିଛି । ପାରିବାରିକ ଜୀବନ ସୁଖମୟ ହେବ । ଖୋଜୁଥିବା ଜିନିଷ ହଠାତ୍ ପାଇପାରନ୍ତି । ମହିଳାମାନେ ସୁଖୀ ହେବେ ।



**ବିଛା:** ଶୁଭ କାର୍ଯ୍ୟ ନିମନ୍ତେ ଯାତ୍ରା କରିପାରନ୍ତି । କଚେରି ମାମଲାରେ ବିଜୟ ହାସଲ କରିବେ । ଆର୍ଥିକ ପରିସ୍ଥିତି ଦୃଢ଼ ରହିବ । ଦୂରଯାତ୍ରା କରିପାରନ୍ତି । ପାରିବାରିକ ଶାନ୍ତି ଅକ୍ଷୁର୍ଣ୍ଣ ରହିବାର ସୂଚନା ।



**ଧନୁ:** ଶରୀର ସୁସ୍ଥ ରହିବ । ଶୁଭ କାର୍ଯ୍ୟ ନିମନ୍ତେ ଦିନଟି ଭଲ । ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ । ରୋଜଗାର ଭଲ ହେବ । ଗୃହେ ଆନନ୍ଦ ଦେଖାଦେବାର ସୂଚନା । ଦୟାଳୁ ହେବେ । ଉତ୍ତମ ଭୋଜନ ମଧ୍ୟ କରିପାରନ୍ତି ।



**ମକର:** ଆଜି ଟିକେ ସାବଧାନ ସହକାରେ ଚଳିବେ । ଶତ୍ରୁଙ୍କ ଠାରୁ ଦୂରେଇ ରହିବା ଭଲ । ସାମାଜିକ ସ୍ତରରେ ସମ୍ମାନିତ ହୋଇପାରନ୍ତି । ବ୍ୟବସାୟ ମଧ୍ୟମ ଧରଣର ହେବ । ଧନ ଲାଭର ଯୋଗ ରହିଛି । ଘରେ ଆନନ୍ଦ ।



**କୁମ୍ଭ:** ଦେହ ଓ ମନ ଭଲ ରହିବ । ଚାକିରୀ କ୍ଷେତ୍ରରେ ଭ୍ରମଣ କରିବାର ସୁଯୋଗ ମଧ୍ୟ ଜୁଟିପାରେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଆୟ ଓ ବ୍ୟୟ ସମାନ ରହିବ । ପିଲାମାନେ ପଢ଼ାପଢ଼ିରେ ଅବହେଳା କରିବେ ।



**ମୀନ:** କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ । ବନ୍ଧୁଙ୍କ ଦ୍ୱାରା ସମ୍ମାନିତ ହୋଇପାରନ୍ତି । ପରୋପକାରୀ ହେବେ । ରୋଜଗାର ସ୍ଥିର ରହିବ । ଘରେ ଆନନ୍ଦ ଦେଖାଦେବ । ମହିଳାମାନେ ସୁଖୀ ହେବେ । ମନ ଭଲ ରହିବ ।



# ଜଳେଶ୍ୱର ଜୀବିକା ସହାୟତା ରାଶି ପ୍ରଦାନର ଶୁଭାରମ୍ଭ

**ଜଳେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଜଳେଶ୍ୱର ବ୍ଲକର ଗୋପି ମୋହନପୁର ପଞ୍ଚାୟତ, ଆରୁହା ପଞ୍ଚାୟତ ଓ ମହମ୍ମଦନଗର ପାଟଣା ପଞ୍ଚାୟତରେ ବୁଧବାର ଅପରାହ୍ନରେ ଜୀବିକା ସହାୟତା ରାଶି ବଣ୍ଟନ କାର୍ଯକ୍ରମ ହେଇଯାଇଛି । ଗୋପାମୋହନପୁର ଗାଁରେ ଥବା ଧୀରେନ୍ଦ୍ର ପାତ୍ର ଓ ଆରୁହାରେ ଥିବା ଡବ୍ଲୁଏସଏଚଜିଙ୍କ ଖୁଚୁରା ବିକ୍ରୟ କେନ୍ଦ୍ରରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ମାନସ ଜେନା ଜୀବିକା ସହାୟତା ରାଶି ପ୍ରଦନର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନସୂୟା ପ୍ରଧାନ, ଜ୍ଞାନବିକାଶ ଆଇଟିଆଇର ମୁଖ୍ୟ ପରିଚାଳକ ଲେଲିନ ପ୍ରଧାନ, ଆରୁହାର ପୂର୍ବତନ ସରପଞ୍ଚ ହରିଶ ଚନ୍ଦ୍ର ଭୂୟାଁ, ଯୋଗାଣ ଅଧିକାରିଣୀ ଅବନ୍ତିକା ସାହୁ, ସରପଞ୍ଚ ସାଗରବାଳା ଜେନା, ସଦସ୍ୟା ଆରତୀ ରାଜ ପ୍ରମୁଖ ଉପସ୍ଥିତ ରହି ୧୦୦୦ ଟଙ୍କାର ଅର୍ଥ ରାଶି ପ୍ରତ୍ୟେକ ରାସନଧାରୀ ପରିବାରକୁ ପ୍ରଦାନ କରିଛନ୍ତି । ୬୨୧ ଜଣ, ଆରୁହାରେ ୪୦୯ ଜଣ ହିତାଧିକାରୀଙ୍କୁ ଏହି ଅର୍ଥରାଶି ପ୍ରଦାନ କରାଯାଇଛି ।

ଡବ୍ଲୁପିଏଲ୍ ୨୦୨୪ : ରୋମାଞ୍ଚକ ମୁକାବିଲାରେ ବାଜି ମାରିଲା ମୁମ୍ବାଇ, ଶେଷ ବଲ୍‌ରେ ଛକ୍କା ମାରିଲେ ସଜନା



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

E-mail : sambadkalikanews@gmail.com

The Sambad Kalika

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା । 8 Pages, ₹2.00

● ବର୍ଷ–୩୧ ● ସଂଖ୍ୟା–୩୦ ● ୨୫ ଫେବୃୟାରୀ ୨୦୨୪, ରବିବାର ● ଭୁବନେଶ୍ୱର ● Vol -31 ● Issue-30 ● 25th February 2024, Sunday ● Bhubaneswar | Licensed to post without pre-payment of postage No- BN-60/22-24







## ଏକାଳ ସକାଳ



କିଏ ହେଲା ମ୍ୟୁନିସିପାଲଟି
କିଏ ହେଲା ଏନ୍ଏସି
ଲୋକଗୁଡାକ ନାଚିକୁଦି ଯାହା
ହେଉଥାନ୍ତି ପରା ଖୁସି
ସର୍କାରୀ ଉପହାର ଠେସାଠେସି
ବାଦ୍ୟ ବଜାଇ ମିଠା ଖାଇଖାଇ
ତରଳାଅ ମାଂସପେଶୀ ।

# ନବୀନଙ୍କ ଶାସନ କାଳରେ ଓଡ଼ିଶା ବିକଶିତ ରାଜ୍ୟ ଭାବେ ପ୍ରତିଷ୍ଠିତ ହୋଇପାରିଛି

ଭୁବନେଶ୍ୱର, ୨୪।୨
ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳ ଅର୍ଥାତ୍ ବିଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶା ସମଗ୍ର ଦେଶରେ ଏକ ବିକଶିତ ରାଜ୍ୟ ଭାବେ ପ୍ରତିଷ୍ଠିତ ହୋଇପାରିଛି ।

ଇଣ୍ଡିଆ ଟୁଡେ' ଷ୍ଟେଟ୍ ଅଫ୍ ଦି ଷ୍ଟେଟ୍ କନକ୍ଲେଭରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ପୁଞ୍ଜିନିବେଶର ପ୍ରକୃଷ୍ଟ ଲକ୍ଷ୍ୟସ୍ଥଳ ସାଜିଛି ଓଡ଼ିଶା । ବର୍ତ୍ତମାନ ଓଡ଼ିଶା ଦକ୍ଷିଣ ଏସିଆର ଆଲୁମିନିୟମ ରାଜଧାନୀ ଓ ଦେଶର ଷ୍ଟିଲ ହବ ପାଲଟିଛି । ଦୁଇ ଦଶନ୍ଧି ତଳେ ୭୦ ପ୍ରତିଶତ ଲୋକ



ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ । ବର୍ତ୍ତମାନ ମାତ୍ର ୧୦ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି । କୋଟିଏରୁ ଅଧିକ ଲୋକ ଦାରିଦ୍ର୍ୟରୁ ମୁକୁଳିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସେହିପରି ହକି ଓ ଅନ୍ୟାନ୍ୟ କ୍ରୀଡା କ୍ଷେତ୍ରରେ ରାଜ୍ୟର ଯଥେଷ୍ଟ ବିକାଶ ଘଟିଛି । ମିଶନ ଶକ୍ତି ଜରିଆରେ ମହିଳା ସଶକ୍ତିକରଣ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି ଓଡ଼ିଶା । ୨୦୧୯ ଲୋକସଭା ନିର୍ବାଚନରେ ***(ଭିତର ପୃଷ୍ଠାରେ)***

## ଶ୍ରୀମନ୍ଦିର ପରିକ୍ରମା ମାର୍ଗ ବୁଲିବା ସହ ବିଭିନ୍ନ କାମର ସମୀକ୍ଷା କଲେ ୫-ଟି ଅଧ୍ୟକ୍ଷ

ପୁରୀ, ୨୪।୨ : ନ୍ୟୁଜ୍ ବ୍ୟୁରୋ

ଶନିବାର ଭୋରରୁ ୫–ଟି ଅଧ୍ୟକ୍ଷ ପୁରୀ ଗସ୍ତରେ ଆସି ପ୍ରଥମେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସହ ଆଶିଷ ଲାଭ କରିଛନ୍ତି । ଏଥିସହ ମା' ବିମଳା, ଲକ୍ଷ୍ମୀ ଓ ଅନ୍ୟାନ୍ୟ ପାର୍ଶ୍ୱ ଦେବାଦେବୀଙ୍କ ଦର୍ଶନ ମଧ୍ୟ କରିଛନ୍ତି । ପରେ ଶ୍ରୀମନ୍ଦିର ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରିବା ସହ ଅନ୍ୟାନ୍ୟ କାର୍ଯ୍ୟର ମଧ୍ୟ ସମୀକ୍ଷା କରିଛନ୍ତି । ଏହି ସମୟରେ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ବିଭିନ୍ନ ନିର୍ବାଚନ ମଣ୍ଡଳୀରୁ ଶ୍ରୀମନ୍ଦିର ଦର୍ଶନ ଓ ପରିକ୍ରମା ମାର୍ଗ ବୁଲିବା ପାଇଁ ଆସୁଥିବା ଭକ୍ତମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ୫–ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ୍ ଅଧିକାରୀମାନଙ୍କୁ ପଚାରି ବୁଝିଥିଲେ ।

## ରାଜେଶ ପ୍ରଭାକର ପାଟିଲ ନୂଆ ବିଏମ୍‌ସି କମିଶନର

ଭୁବନେଶ୍ୱର, ୨୪।୨
ନ୍ୟୁଜ୍ ବ୍ୟୁରୋ

ସାଧାରଣ ନିର୍ବାଚନ ପୂର୍ବରୁ ଭୁବନେଶ୍ୱର ମହାନଗର ନିଗମ କମିଶନର ବିଜୟ ଅମୃତ କୁଲାଙ୍ଗେଙ୍କ ସ୍ଥାନରେ ନୂଆ କମିଶନର ଭାବେ ୨୦୦୫ ବ୍ୟାଚ ଆଇଏଏସ ରାଜେଶ ପ୍ରଭାକର ପାଟିଲଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି ।

ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ୨୦୦୫ ବ୍ୟାଚ ଆଇଏଏସ ରାଜେଶ ପ୍ରଭାକର ପାଟିଲଙ୍କୁ ଭୁବନେଶ୍ୱର ମହାନଗର ନିଗମର କମିଶନର ଭାବେ ନିଯୁକ୍ତି ମିଳିଛି । ସେ ଅତିରିକ୍ତ ଭାବେ ସମବାୟ ବିଭାଗର ସଚିବ ଏବଂ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ଦାୟିତ୍ୱ ତୁଲାଇବେ ।



ସେହିପରି ୨୦୧୩ ବ୍ୟାଚ ଆଇଏଏସ ଶ୍ରୀ କୁଲାଙ୍ଗେଙ୍କୁ ରାଜ୍ୟ ସରକାର ଏକମାସ ପାଇଁ ଛୁଟିରେ ଯିବା ନିମନ୍ତେ ଅନୁମତି ଦେଇଥିବା ସାଧାରଣ ପ୍ରଶାସନ ବିଭାଗର ବିଜ୍ଞପ୍ତିରେ ଉଲ୍ଲେଖ ରହିଛି ।




ସାପ୍ତାହିକ
30 YEARS
ସମ୍ବାଦ କଳିକା

# ଚମକ ହରାଉଛି ବ୍ୟାଙ୍କ ସଞ୍ଚୟ

ନିଜ କଷ୍ଟ ଉପାର୍ଜିତ ଧନକୁ ଅଳ୍ପ ସୁଧ ମିଳୁଥିବା ବ୍ୟାଙ୍କ ଜମାରେ ପକାଇ ରଖିବାକୁ ଲୋକମାନେ ଆଉ ଚାହୁଁନାହାନ୍ତି। ଅଧିକ ରିଟର୍ଣ୍ଣ ଆଶାରେ ସେମାନେ ଷ୍ଟକ୍ ବଜାର ଓ ମ୍ୟୁଚୁଆଲ ଫଣ୍ଡ୍ ସ୍କିମ୍‌ରେ ନିବେଶ କରିବାକୁ ଆଗ୍ରହ ଦେଖାଇଛନ୍ତି। ବିଶେଷ କରି ସହରାଞ୍ଚଳରେ ଏହି ଧାରା ଆରମ୍ଭ ହୋଇଛି। ମୋବାଇଲ୍ ଜରିଆରେ ଷ୍ଟକ୍ ଟ୍ରେଡିଂ ସହଜ ହେବା ଏବଂ ଷ୍ଟକ୍ ବଜାର କାରବାର ବିଷୟରେ ଲୋକମାନେ ଅଧିକ ସଚେତନ ହୋଇଥିବାରୁ ସେୟାରରେ ନିବେଶ ବୃଦ୍ଧି ପାଉଛି। ଅନ୍ୟ ପକ୍ଷରେ ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକମାନେ ବ୍ୟାଙ୍କରେ ଟଙ୍କା ସଞ୍ଚୟ କରିବାକୁ ସଂଘର୍ଷ କରୁଛନ୍ତି। ତେଣୁ ସେମାନେ ସୁବିଧାରେ ଉପଲବ୍ଧ ହେଉଥିବା ବିକଳ୍ପକୁ ଚୟନ କରି ନିଜ ସଞ୍ଚିତ ରାଶିକୁ ନିବେଶ କରିବା ଉପରେ ଅଧିକ ଧ୍ୟାନ ଦେଉଛନ୍ତି। ସମସ୍ତଙ୍କ ପାଖରେ ପ୍ରଯୁକ୍ତିର ଶକ୍ତି ପହଞ୍ଚିବା ପରେ ଆର୍ଥିକ ସଞ୍ଚୟର ଧାରା ବଦଳିଯାଇଛି। ୨୦୨୨ ସୁଦ୍ଧା ଦେଶରେ ଚଳନ୍ତି ଓ ସଞ୍ଚୟ ଜମା (କାସା) ଅନୁପାତ ୪୫.୨ ପ୍ରତିଶତ ଥିଲା। ୨୦୨୩ ମାର୍ଚ୍ଚ ସୁଦ୍ଧା ତାହା ୪୩.୧ ପ୍ରତିଶତକୁ ହ୍ରାସ ପାଇଛି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କାସା ଜମା ଅନୁପାତ ମଧ୍ୟ ହ୍ରାସ ପାଇଛି। ସରକାରୀ ବ୍ୟାଙ୍କ ତୁଳନାରେ ଘରୋଇ ବ୍ୟାଙ୍କଗୁଡ଼ିକ ଅଧିକ ପ୍ରଭାବିତ ହୋଇଛନ୍ତି। ଜଣେ ବ୍ୟାଙ୍କ ଅଧିକାରୀ କହିଛନ୍ତି ଯେ ଡିଜିଟାଇଜେସନ୍ ଯୋଗୁଁ ଲୋକମାନଙ୍କ ପାଖରେ ସଞ୍ଚୟ ଲାଗି ଅଧିକ ବିକଳ୍ପ ଉପଲବ୍ଧ ହୋଇଛି। ସେଥିପାଇଁ ସେମାନେ ଆଉ କେବଳ ବ୍ୟାଙ୍କ ଜମା ଉପରେ ନିର୍ଭରଶୀଳ ନାହାନ୍ତି। ଗୋଟିଏ ପଟେ ବ୍ୟାଙ୍କ ଜମା ହ୍ରାସ ପାଉଥିବା ବେଳେ ଅନ୍ୟ ପଟେ ମ୍ୟୁଚୁଆଲ୍ ଫଣ୍ଡ୍‌ରେ ନିବେଶ ବୃଦ୍ଧି ପାଉଛି। ଭାରତୀୟ ମ୍ୟୁଚୁଆଲ୍ ଫଣ୍ଡ ସଂଘ (ଆମ୍ଫି) ତଥ୍ୟ ଅନୁସାରେ ଚଳିତ ବର୍ଷ ଜାନୁଆରିରେ ମ୍ୟୁଚୁଆଲ୍ ଫଣ୍ଡ୍‌ରେ ୨୧,୭୮୧ କୋଟି ଟଙ୍କା ନିବେଶ ହୋଇଛି ଯାହା ଗତ ୨୨ ମାସ ଭିତରେ ସର୍ବାଧିକ। ଏସ୍‌ଆଇପି ଜରିଆରେ ନିବେଶ କରୁଥିବା ଗ୍ରାହକଙ୍କ ସଂଖ୍ୟା ୭.୯ କୋଟିରୁ ଅଧିକ ହୋଇଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,
କମଳା, ଶ୍ରୀ ହରପ୍ରିୟା
ଇନ୍ଦିରା, ଲୋକ ମାତା, ମା'
କ୍ଷୀରବ୍ଧୀ ତନୟା ରମା ।'



ଶ୍ରୀ ଅଭିରାମ ସରସ୍ୱତୀ

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ (୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ (୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ (୧୬୦)

(କ୍ରମଶଃ)

# ଅସାମାନ୍ୟ ଅବଦାନ କାନ୍ତକବିଙ୍କ ପରିବାରର



ପ୍ରଭୁକଲ୍ୟାଣ ମହାପାତ୍ର
ବରିଷ୍ଠ ସାମ୍ବାଦିକ ଓ ସ୍ତମ୍ଭକାର
ଫୋନ୍ :୯୯୩୭୭୧୧୩୮୯
ଭୁବନେଶ୍ୱର



ଓଡ଼ିଶା ରାଜ୍ୟ ସଂଗୀତ 'ବନ୍ଦେ ଉତ୍କଳ ଜନନୀ'ର ସ୍ରଷ୍ଟା ଲକ୍ଷ୍ମୀକାନ୍ତ ମହାପାତ୍ର ସମଗ୍ର ଓଡ଼ିଶାରେ କାନ୍ତକବି ନାମରେ ଖ୍ୟାତ। ତେବେ ତାଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଅଦ୍ୟାବଧି ବିଭିନ୍ନ କାରଣରୁ ଉପଯୁକ୍ତ ମୂଲ୍ୟାୟନ ହୋଇପାରି ନାହିଁ। ସେଥି ଯୋଗୁଁ କାନ୍ତକବିଙ୍କ ମହାନବ୍ୟକ୍ତିତ୍ୱର ଚମତ୍କାରିତା ସମ୍ପର୍କରେ ବର୍ତ୍ତମାନର ପିଢ଼ି ବିଶେଷଭାବ ରେ ଅବଗତ ହୋଇପାରୁନାହାନ୍ତି। ତେଣୁ କାନ୍ତକବିଙ୍କ ପ୍ରତିଭାର ବିଭିନ୍ନ ଦିଗକୁ ଯଥାର୍ଥଭାବରେ ଉନ୍ମୋଚନ କରିବା ଲାଗି ବିଭିନ୍ନ ବିଶ୍ୱବିଦ୍ୟାଳୟରେ ସ୍ୱତନ୍ତ୍ର ଚେୟାର ପ୍ରତିଷ୍ଠା ମାଧ୍ୟମରେ ଗବେଷଣା ଚାଲୁରଖିବାର ଆବଶ୍ୟକତା ଉପଲବ୍ଧ ହୋଇଛି।

ଅନ୍ୟପକ୍ଷରେ ସ୍ୱାଧୀନତା ସଂଗ୍ରାମ କ୍ଷେତ୍ରକୁ କାନ୍ତକବି ଓ ତାଙ୍କ ପରିବାରର ଅନନ୍ୟ ଅବଦାନ ଲାଗି ତାଙ୍କୁ ଭାରତ ବର୍ଷର "ସର୍ବଶ୍ରେଷ୍ଠ ଦେଶଭକ୍ତ ପରିବାର ସମ୍ମାନ" ଅର୍ପଣ କରାଯିବା ଜରୁରୀ ମନେହେଉଛି। କାରଣ କାନ୍ତକବିଙ୍କ ପରିବାରର ଲଗାତାର ତିନୋଟି ପିଢ଼ିର ବିପୁଳ ସଂଖ୍ୟକ ସଭ୍ୟ ଜାତୀୟ ଆନ୍ଦୋଳନରେ ଝାସ ଦେଇ କାରାବରଣକରିଥିଲେ। ସେଥି ମଧ୍ୟରୁ ତିନିଜଣ ପ୍ରଭାବ ଶାଳୀ ସଦସ୍ୟ ବ୍ରିଟିଶ ସରକାରଙ୍କ ବର୍ବରୋଚିତ ଅମାନବୀୟ ନିର୍ଯାତନାର ଶିକାର ହୋଇ ୨୪ରୁ ୪୦ବର୍ଷ ବୟସ ମଧ୍ୟରେ ଅକାଳ ମୃତ୍ୟୁ ବରଣ କରିଥିଲେ, ଯାହାକି ସମଗ୍ର ଭାରତବର୍ଷର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଅନ୍ୟତ୍ର ପରିଲକ୍ଷିତ ହୁଏ ନାହିଁ।

ତେବେ ଉପଯୁକ୍ତ ତଥ୍ୟ ଓ ଆବଶ୍ୟକ ଦସ୍ତାବିଜ ଉପସ୍ଥାପନ ଅଭାବରୁ ଆମେପାଇ ବିଦ୍ରୋହକୁ ଇଂରେଜ ଶାସନ ବିରୁଦ୍ଧରେ ଦେଶର ପ୍ରଥମ ସଶସ୍ତ୍ର ଯୁଦ୍ଧବୋଲି ଅଦ୍ୟାବଧି ପ୍ରତିପାଦିତ କରିପାରିନାହୁଁ। ସେହିଭଳି ସ୍ୱାଧୀନତା ସଂଗ୍ରାମ କ୍ଷେତ୍ରକୁ କାନ୍ତକବି ଏବଂ ତାଙ୍କ ପରିବାରର ଅସାମାନ୍ୟ, ଅତୁଳନୀୟ, ଅନବଦ୍ୟ ଅବଦାନକୁ ସମଗ୍ର ଭାରତ ବର୍ଷରେ ଦେଶଭକ୍ତିର ଶ୍ରେଷ୍ଠ ନିଦର୍ଶନ ବୋଲି ଆମେ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରମାଣିତ କରିପାରି ନାହୁଁ। ଓଡ଼ିଶାର ସାହିତ୍ୟ, ସଂଗୀତ, ସଂସ୍କୃତି, ସମାଜ-ସଂସ୍କାର, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନ, ସ୍ୱାଧୀନତା ସଂଗ୍ରାମ ଆଦିକ୍ଷେତ୍ରକୁ କାନ୍ତକବି ଏବଂ ତାଙ୍କ ପରିବାରର ଉଲ୍ଲେଖନୀୟ ଅବଦାନ ରହିଛି। କିନ୍ତୁ ବିଭିନ୍ନ କାରଣରୁ ସେ ସମ୍ପର୍କିତ ସବିଶେଷ ତଥ୍ୟ ଅଦ୍ୟାବଧି ଲୋକ ଲୋଚନକୁ ଆସି ପାରିନାହିଁ।

ଓଡ଼ିଆ ସାହିତ୍ୟର ପ୍ରତ୍ୟେକ ବିଭାଗରେ ଶାଣିତ ଲେଖନୀ ଚାଳନାକରି କାନ୍ତକବି ତାଙ୍କ ପାରଦର୍ଶିତା ପ୍ରତିପାଦନ କରିଛନ୍ତି, ଯାହାର ଉପଯୁକ୍ତ ମୂଲ୍ୟାଙ୍କନ ଏପର୍ଯ୍ୟନ୍ତ ହୋଇପାରି ନାହିଁ। ଅପରପକ୍ଷେ ଗାନ୍ଧର୍ବ ବିଦ୍ୟାରେ ଧୂରୀଣ କାନ୍ତକବିଙ୍କ ସାଙ୍ଗୀତିକ ବ୍ୟୁତ୍ପତ୍ତି ସମ୍ପର୍କରେ ମଧ୍ୟ ଅଦ୍ୟାବଧି ସାମାନ୍ୟ ତମ ଆଲୋଚନା ହୋଇନାହିଁ। ତେଣୁ କାନ୍ତକବିଙ୍କ ବ୍ୟକ୍ତିତ୍ୱର ଏହି ଦିଗଟି ଏବେସୁଦ୍ଧା ଅନୁଦଘାଟିତ ହୋଇ ରହିଛି। ଏତିକି କହିଲେ ଯଥେଷ୍ଟ ହେବ ଯେ, କାନ୍ତକବି ତାଙ୍କର ପ୍ରତ୍ୟେକ କାବ୍ୟର ସ୍ୱରସଂରଚନା କରିଥିବା ବେଳେ ସେଗୁଡ଼ିକର ସଂଗୀତ ନିର୍ଦ୍ଦେଶ ନାମଧ୍ୱନି ଯେ ଦେଇଥିଲେ। କାରଣ ପ୍ରତ୍ୟେକ ବାଦ୍ୟଯନ୍ତ୍ର ଉପରେ ତାଙ୍କର ପ୍ରଚଣ୍ଡ ଦଖଲଥିଲା। ସେହିପରି ମହାନ ଉତ୍କଳୀୟ ସଂସ୍କୃତିକୁ ଉପଜୀବ୍ୟକରି ରଖିବା ଲାଗି ସେ ତାଙ୍କ ଅଧୁନାତନ ସାହିତ୍ୟରେ ଯତପରୋନାସ୍ତି ଉଦ୍ୟମ କରିଛନ୍ତି। ନାରୀଶିକ୍ଷାର ପ୍ରସାର, ଯୌତୁକ ନିରୋଧ, ନିଶାନିବାରଣ, ଅସ୍ପୃଶ୍ୟତାଦୂରୀକରଣ, ମନ୍ଦିରରେ ହରିଜନ ପ୍ରବେଶ ଭଳି ସମାଜ ସଂସ୍କାରମୂଳକ କାର୍ଯ୍ୟକ୍ରମ ଗୁଡିକରେ କାନ୍ତକବି ଓ ତାଙ୍କପରିବାର ବର୍ଗ ଅଗ୍ରଣୀ ଭୂମିକା ଗ୍ରହଣକରିଥିଲେ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନରେ କାନ୍ତକବିଙ୍କ ସମେତ ତାଙ୍କ ପରିବାରର ଉଲ୍ଲେଖନୀୟ ଭୂମିକା ରହିଥିବା ବେଳେ ସ୍ୱାଧୀନତା ସଂଗ୍ରାମ କ୍ଷେତ୍ରକୁ ସେମାନଙ୍କ ଅନବଦ୍ୟ ଅବଦାନ ସମଗ୍ର ଭାରତ ବର୍ଷରେ ସର୍ବୋତ୍କୃଷ୍ଟ। କିନ୍ତୁ ପରିତାପର ବିଷୟ ହେଉଛି, ଆମ ଇତିହାସକାରମାନେ ସେଥିନେଇ ସବିଶେଷ ତଥ୍ୟ ଉପଯୁକ୍ତ ଭାବରେ ଉପସ୍ଥାପନ କରିପାରିନଥିବାରୁ କାନ୍ତକବିଙ୍କ ପରିବାର ଦେଶର "ସର୍ବଶ୍ରେଷ୍ଠ ଦେଶ ଭକ୍ତ ପରିବାର ସମ୍ମାନ" ମାନ୍ୟତା ପ୍ରାପ୍ତିରୁ ବଂଚିତ ହୋଇଛି।

କାନ୍ତକବି ଆଦ୍ୟ ଯୌବନରେ ମହାବ୍ୟାଧିର ଶିକାର ହୋଇ ଚଳତ ଶକ୍ତିହୀନ ହୋଇ ପଡ଼ିଥିଲେ। ତେଣୁ ତାଙ୍କର ସମଗ୍ର ଜୀବନ ବିଛଣାଉପରେ ହିଁ ବିତିଥିଲା। ଏଭଳି ପ୍ରତିକୂଳତା ଭିତରେ ଥାଇ ସୁଦ୍ଧା କାନ୍ତକବି ଶାଣିତ ଲେଖନୀ ଚାଳନା କରି ଯେଉଁଭଳି କାଳଜୟୀ ଦେଶାତ୍ମବୋଧକ ଆଲେଖ୍ୟ ରଚନା କରିଥିଲେ, ତାହା ସମଗ୍ର ଓଡ଼ିଶା ଭୂଖଣ୍ଡରେ ଉଗ୍ରଜାତୀୟତା ବୋଧ ଜାଗ୍ରତ କରିଥିଲା। ସେଥିପାଇଁ ତାଙ୍କୁ ଜାତୀୟ ଆନ୍ଦୋଳନ ବା ସ୍ୱାଧୀନତା ସଂଗ୍ରାମର 'ଆତ୍ମା' ବୋଲି ବିବେଚନା କରାଯାଏ।

କାନ୍ତକବିଙ୍କ ପିତା ଚୌଧୁରୀ ଭାଗବତ ପ୍ରସାଦ ସାମନ୍ତରାୟ ମହାପାତ୍ର ଜଣେ ବିଶିଷ୍ଟ ଆଇନଜୀବୀ ଓ ବିହାର-ଓଡ଼ିଶା ବିଧାନପରିଷଦର ପ୍ରଥମ ଓଡ଼ିଆ ଉପ-ବାଚସ୍ପତି (ଡେପୁଟି-ପ୍ରେସିଡେଣ୍ଟ) ଥିଲେ। ତେବେ ବ୍ରିଟିଶ ସରକାରଙ୍କ ଅନ୍ୟାୟ ଓ ଅନୀତି ବିରୁଦ୍ଧରେ ପ୍ରତିବାଦ ଜଣାଇ ସେ ବିଧାନପରିଷଦର ସଭ୍ୟପଦରୁ ଇସ୍ତଫା ଦେଇ ଲବଣ ସତ୍ୟାଗ୍ରହରେ ସାମିଲ ହୋଇଥଲେ। ସ୍ୱାସ୍ଥ୍ୟଗତ କାରଣରୁ କାନ୍ତକବି ନିଜେ ସଶରୀରେ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇ ପାରିନଥିଲେ ମଧ୍ୟ ତାଙ୍କ ପ୍ରୋତ୍ସାହନ ଏବଂ ପରାମର୍ଶ କ୍ରମେ ସାନଭାଇ, ସାନଭଉଣୀ, ପୁଅ, ପୁତୁରା, ଭିଣୋଇ, ଭଣଜା, ମାମୁଁପୁଅ ଭାଇ ପ୍ରଭୃତି ଜାତୀୟ ଆନ୍ଦୋଳନରେ ଝାସ ଦେଇଥଲେ। ଇଂରେଜ ଶାସନ ବିରୁଦ୍ଧରେ ଅଗ୍ନିବର୍ଷୀ ଭାଷଣ ଓ ଜ୍ୱାଳାମୁଖୀ ଲେଖା ପାଇଁ ବ୍ରିଟିଶ ସରକାର କାନ୍ତକବିଙ୍କ ସାନଭାଇ କମଳାକାନ୍ତଙ୍କୁ ହଜାରିବାଗ ଜେଲରେ ଟି.ବି.(ରାଜଯକ୍ଷ୍ମା) ଇଞ୍ଜେକ୍ସନ ଦେଇ ମାତ୍ର ୨୪ବର୍ଷ ବୟସରେ ହତ୍ୟା କରିଥିବା ବେଳେ କମଳାକାନ୍ତଙ୍କ ସେବା ଶୁଶ୍ରୁଷାରେ ଯକ୍ଷ୍ମା ସଂକ୍ରମିତ ହୋଇ କାନ୍ତକବିଙ୍କ ସାନଭାଇ ଓ ଭଉଣୀ ସୀତାକାନ୍ତ ଏବଂ କୋକିଳା ଦେବୀ ମାତ୍ର ୪୦ ବର୍ଷ ବୟସରେ ପରଲୋକ ଗମନ କରିଥଲେ। ମୃତ୍ୟୁ ବେଳକୁ କମଳାକାନ୍ତ ବାଲେଶ୍ୱରରୁ ହରେକୃଷ୍ଣ ମହତାବଙ୍କ ଦ୍ୱାରା ପ୍ରତିଷ୍ଠିତ 'ପ୍ରଜାତନ୍ତ୍ର'ର ସଂପାଦକ ଥିବା ବେଳେ ସୀତାକାନ୍ତ କାଉନସିଲର ଅଫ ଷ୍ଟେଟ (ବର୍ତ୍ତମାନର ରାଜ୍ୟସଭା) ସଦସ୍ୟ ଓ କୋକିଳା ଦେବୀ ରାଜ୍ୟର ଅନ୍ୟତମ ଅଗ୍ରଣୀ ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରଥିତଯଶା ସାହିତ୍ୟିକା ଥିଲେ। କୋକିଳା ଦେବୀଙ୍କ ବ୍ୟତିରେକେ କାନ୍ତକବିଙ୍କ ଅନ୍ୟଦୁଇ ସାନ ଭଉଣୀ ଜାହ୍ନବୀ ଦେବୀ ଏବଂ ନିର୍ମଳା ଦେବୀ ମଧ୍ୟ ଜାତୀୟ ଆନ୍ଦୋଳନରେ ଅଗ୍ରଣୀ ଭୂମିକା ନିର୍ବାହ କରିଥିଲେ। ଜାହ୍ନବୀ ଦେବୀ (ଓଡ଼ିଶା ବିଧାନ ସଭାର ପ୍ରଥମ ବାଚସ୍ପତି ମୁକୁନ୍ଦ ପ୍ରସାଦ ଦାସଙ୍କ ସହ ଧର୍ମିଣୀ) ତାଙ୍କ ସମୟରେ ନିଖିଳ ଉତ୍କଳ ମହିଳା ସମ୍ମିଳନୀର ନେତୃତ୍ୱ ନେଉଥିବା ବେଳେ ଜାତିର ପିତା ମହାତ୍ମା ଗାନ୍ଧୀ, ନେତାଜୀ ସୁବାଷ ବୋଷ, ଜୟ ପ୍ରକାଶ ନାରାୟଣଙ୍କ ଭଳି ଜାତୀୟ ସ୍ତରର ନେତୃତ୍ୱବୃନ୍ଦଙ୍କୁ ତାଙ୍କ ବାଲେଶ୍ୱର ଷ୍ଟେସନ ପାର୍ଶ୍ୱବର୍ତ୍ତୀ ବାସଭାବନ ରେ ଅତିଥେୟତା ପ୍ରଦାନ କରୁଥିଲେ। ମୁକୁନ୍ଦ ପ୍ରସାଦଙ୍କ ସାନଭାଇ ଗଜେନ୍ଦ୍ର ପ୍ରସାଦ ଦାସ ପାଟନା ହାଇକୋର୍ଟରେ ବିଶିଷ୍ଟ ଆଇନଜୀବୀ ଥିଲେ ଏବଂ ସେ ମଧ୍ୟ କାନ୍ତକବିଙ୍କ ଅନ୍ୟତମ ଅନୁଜା ବା ସାନଭଉଣୀ ନିର୍ମଳା ଦେବୀଙ୍କୁ ବିବାହ କରିଥିଲେ। ସ୍ୱାଧୀନତା ସଂଗ୍ରାମ କାଳରେ ଓଡ଼ିଶାର ସତ୍ୟାଗ୍ରହୀ ମାନଙ୍କୁ ଗିରଫ କରାଯାଇ ବିହାର ସ୍ଥିତ ପାଟନା କ୍ୟାମ୍ପ ଜେଲକୁ ପଠାଯାଉଥିଲା। ସେଠାରେ ଉଭୟ ଗଜେନ୍ଦ୍ର ପ୍ରସାଦ ଓ ତାଙ୍କ ପତ୍ନୀ ନିର୍ମଳା ଦେବୀ ବନ୍ଦୀ ସତ୍ୟାଗ୍ରହୀ ମାନଙ୍କ ଖାଦ୍ୟପାନୀୟ କଥା ବୁଝିବା ସହିତ ଏପରିକି ଗସ୍ତ ଖର୍ଚ୍ଚ ଦେଇ ସେମାନଙ୍କୁ ଟ୍ରେନରେ ବାଲେଶ୍ୱର ପର୍ଯ୍ୟନ୍ତ ପଠାଉଥିଲେ। ବାଲେଶ୍ୱରରେ ନିର୍ମଳା ଦେବୀଙ୍କ ବଡ଼ଭଉଣୀ ଜାହ୍ନବୀ ଦେବୀ ଖଲାସ ସତ୍ୟାଗ୍ରହୀମାନଙ୍କୁ ଅତିଥେୟତା ପ୍ରଦାନକରି ସେମାନଙ୍କ ଘରକୁ ପଠାଉଥିଲେ।

ନିଃକାନ୍ତକବିଙ୍କ ଦୁଇପୁତ୍ର ନିତ୍ୟାନନ୍ଦ, ଗୌରଚନ୍ଦ୍ର ଓ ଭଣଜା (ମୁକୁନ୍ଦ ପ୍ରସାଦ ଦାସ ଓ ଜାହ୍ନବୀ ଦେବୀଙ୍କ ଜ୍ୟେଷ୍ଠ ପୁତ୍ର ଗୌର ଗୋପାଳ ଦାସ) ମଧ୍ୟ ଛାତ୍ର ଅବସ୍ଥାରେ ଜାତୀୟ ଆନ୍ଦୋଳନରେ ଲମ୍ଫପ୍ରଦାନକରି ବାରମ୍ବାର କାରା ବରଣକରିଥିଲେ। କାନ୍ତ କବି ଆଜୀବନ ଶଯ୍ୟାଶାୟୀ ଥିଲେ ସୁଦ୍ଧା ନିଜର ଦୁଇପୁତ୍ରଙ୍କୁ ଦେଶ ମାତୃକାର ସେବା ପାଇଁ ପ୍ରୋତ୍ସାହିତ କରିଥିଲେ ଏବଂ ପରିଣତ ବୟସରେ ନିଃସଙ୍ଗ ଦୁର୍ବିସହ ଜୀବନ ବିତାଇ ଥିଲେ। ସେତେବେଳେ ରାଜା, ମହାରାଜା ଓ ଜମିଦାର ମାନେ ସେମାନଙ୍କ ଧନ ଓ ମାନର ସୁରକ୍ଷାଲାଗି ବ୍ରିଟିଶ ସରକାରଙ୍କୁ ସମର୍ଥନ କରୁଥିଲେ। କିନ୍ତୁ କାନ୍ତକବି ସଂଭ୍ରାନ୍ତ ଭୂମ୍ୟାଧିକାରିବା ଜମିଦାର ପରିବାରର ବଂଶଜ ହୋଇଥିଲେ ସୁଦ୍ଧା ଇଂରେଜ ଶାସନର ଅନ୍ୟାୟ ବିରୁଦ୍ଧରେ ଦୃଢ଼ ସ୍ୱରଉତ୍ତୋଳନ କରିଥିଲେ। ସେଥିପାଇଁ ତାଙ୍କୁ ବ୍ରିଟିଶ ସରକାରର କୋପର ଶିକାର ହୋଇ ଅକଥନୀୟ ଦୁର୍ଦ୍ଦଶା ଭୋଗିବାକୁ ପଡ଼ିଥିଲା। ଏପରିକି ବ୍ରିଟିଶ ସରକାର ସମାଜରେ କାନ୍ତକବିଙ୍କ ସମ୍ମାନକୁ ଭୂ-ଲୁଣ୍ଠିତ କରିବା ପାଇଁ ପବିତ୍ର ଦୁର୍ଗାପୂଜା ଅବସରରେ ତାଳପଦା ଗ୍ରମ ସ୍ଥିତ ବାସଭବନରୁ ତାଙ୍କ ସାନପୁଅ ଗୌରଚନ୍ଦ୍ରଙ୍କୁ ଅଣ୍ଟାରେ ବେଡ଼ି ଓ ହାତରେ କଡ଼ି ପକାଇ ଚଲାଇ ଚଲାଇ ୧୦ମାଇଲ ଦୂର ଭଦ୍ରକ ଜେଲ ଖାନା ପର୍ଯ୍ୟନ୍ତ ନେଇଥିଲେ। ଭଣ୍ଡାରି ପୋଖରୀ ଥାନା ପୋଡ଼ି, ରେଳଲାଇନ ଓ ଟେଲିଗ୍ରାଫ ତାର ଉଡାଇ ଦେବାଭଳି ମିଥ୍ୟା ମୋକଦମାରେ ଗୌରଚନ୍ଦ୍ରଙ୍କୁ ଗିରଫ କରାଯାଇଥିଲା, ଯାହାକି ପରବର୍ତ୍ତୀ ସମୟରେ ଅସତ୍ୟ ପ୍ରମାଣିତ ହୋଇଥିଲା।

ସେତେବେଳେ ଭଣ୍ଡାରୀ ପୋଖରୀ ଥାନା ପୋଡ଼ି, ଲୁଣିଆ ଗୁଳିକାଣ୍ଡ ଘଟଣା ବ୍ରିଟିଶ ସରକାରର ଦମ୍ଭ ଦୋହଲାଇ ଦେଇଥିଲା। ଏହି ଦୁଇଟି ଗୁରୁତର ଘଟଣାର ନେତୃତ୍ୱ ବୈତରଣୀ ନଦୀ ତଟସ୍ଥ କଣ୍ଟାପାରି ଗ୍ରାମର ଜମିଦାର ଜଗନ୍ନାଥଦାସ ଓ ଦ୍ୱାରିକାନାଥ ଦାସ ନେଇଥିଲେ। ଜଗନ୍ନାଥ ଓଦ୍ୱାରିକାନାଥ କାନ୍ତକବିଙ୍କ ମାମୁଁପୁଅ ସାନ ଭାଇ ଥିଲେ। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଜଗନ୍ନାଥ ଦାସ ଓ ଦ୍ୱାରିକା ନାଥ ଦାସ ପରବର୍ତ୍ତୀ କାଳରେ ଯଥାକ୍ରମେ ପାର୍ଲାମେଣ୍ଟ ଏବଂ ଓଡ଼ିଶା ବିଧାନସଭାର ସଦସ୍ୟ ଥିଲେ। ଜଗନ୍ନାଥ ଦାସ ପ୍ରଥମେ ବିହାର-ଓଡ଼ିଶା ବିଧାନ ପରିଷଦ ଏବଂ ତା'ପରେ ପାର୍ଲାମେଣ୍ଟର ସଭ୍ୟ ହୋଇଥିବା ବେଳେ ଦ୍ୱାରିକା ନାଥ ଦାସ ଯାଜପୁର ନିର୍ବାଚନମଣ୍ଡଳୀର ପ୍ରଥମ ପନ୍ଦର ବର୍ଷ ପାଇଁ ବିଧାୟକହୋଇଥିଲେ।

ସ୍ୱାଧୀନତା ସଂଗ୍ରାମ କ୍ଷେତ୍ର ଭଳି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନକୁ ମଧ୍ୟ କାନ୍ତକବି ଓ ତାଙ୍କ ପରିବାରର ଅସାମାନ୍ୟ ଅବଦାନଥିଲା। କେବଳ ଏତିକି କହିଲେ ଯଥେଷ୍ଟ ହେବ ଯେ, ଆଜି ଓଡ଼ିଶା ସରକାରଙ୍କ ଦ୍ୱାରା ରାଜ୍ୟ ସଙ୍ଗୀତର ମାନ୍ୟତା ପାଇଥିବା କାଳଜୟୀ ଦେଶାତ୍ମ ବୋଧକ ଗୀତ "ବନ୍ଦେ ଉତ୍କଳ ଜନନୀ" ୧୯୧୨ ମସିହାରୁ ହିଁ ଉତ୍କଳ ସମ୍ମିଳନୀର ପ୍ରାରମ୍ଭିକ ବା ଉଦଘାଟନୀ ସଂଗୀତ ହୋଇଥିଲା। ଦୀର୍ଘ ୨୪ବର୍ଷ ଧରି ଏହି ସଂଗୀତ ଓଡ଼ିଶା ବାସୀଙ୍କ ହୃଦୟରେ ଉଗ୍ର ଉତ୍କଳୀୟ ଜାତୀୟ ଚେତନା ଜାଗ୍ରତ କରିବା ଫଳରେ ୧୯୩୬ ଏପ୍ରିଲ ପହିଲାରେ ଆମେ ସ୍ୱତନ୍ତ୍ର ରାଜ୍ୟ ହାସଲ କରି ପାରିଥିଲେ।

ଉଭୟ ଜାତୀୟ ସଂଗ୍ରାମ ଏବଂ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନରେ ଅତୁଳନୀୟ ଅବଦାନ ରଖିଥିବା କାନ୍ତକବି ଓ ତାଙ୍କ ପରିବାରକୁ କେନ୍ଦ୍ର ଓ ରାଜ୍ୟସରକାର "ସର୍ବଶ୍ରେଷ୍ଠ ଦେଶ ଭକ୍ତ ପରିବାର ସମ୍ମାନ" ପ୍ରଦାନ କରିବା ଜରୁରୀ ମନେ ହେଉଛି। କାରଣ ଜନ ସେବା ପାଇଁ ଏବେ ସାଂସଦ, ବିଧାୟକ ମାନଙ୍କ ଭଳି ଜନ ପ୍ରତିନିଧି ହୁଅନ୍ତୁ କିମ୍ବା ଦେଶସେବା ପାଇଁ ବୀର ଜବାନ ହୁଅନ୍ତୁ – ସମସ୍ତଙ୍କ ପାଇଁ ବର୍ତ୍ତମାନ ଆର୍ଥିକ ସୁରକ୍ଷାର ବନ୍ଦୋବସ୍ତ କରାଯାଇଛି। କିନ୍ତୁ ବ୍ରିଟିଶ ସରକାର ବିରୁଦ୍ଧରେ ଲଢୁ ଥିବା ସଂଗ୍ରାମୀ ବା ସତ୍ୟାଗ୍ରହୀମାନେ ନିଜ ଜୀବନକୁ ବାଜି ଲଗାଇବା ସହିତ ପରିବାର ଭବିଷ୍ୟତକୁ ଅନ୍ଧକାରାଚ୍ଛନ୍ନ କରି ଆତ୍ମୋତ୍ସର୍ଗକରୁଥିଲେ। ସେମାନଙ୍କ ତ୍ୟାଗ, ତିତିକ୍ଷା ଓ ବଳିଦାନ ପାଇଁ ଆମର ସମାଜ ଓ ସରକାର ସେମାନଙ୍କୁ କିଭଳି ସମ୍ମାନ ଏବଂ ସ୍ୱୀକୃତି ପ୍ରଦାନ କରୁଛି ତାହା ଦେଖିବାର କଥା।

# ଯୋରନ୍ଦା ମେଳା



ପ୍ରେମାନନ୍ଦ ପାଣିଗ୍ରାହୀ
ଭୁଷଳ, ଭୁବନ, ଢେଙ୍କାନାଳ




ମାଘ ଶୁକ୍ଳ ଚତୁର୍ଦ୍ଦଶୀ ଠାରୁ ଗାଦିପୀଠ ଯୋରନ୍ଦା ଠାରେ ଆରମ୍ଭ ହୋଇଛି ୧୫୧ ତମ ମହିମା ମେଳା । ମହିମା ଧର୍ମ ଏକ ନିଷ୍କାମ ଜୀବ ଧର୍ମ । ଏହାର ମୂଳରେ ରହିଛି କଠୋର ସାଧନା ଓ ତ୍ୟାଗ । ଯେତେବେଳେ ବିଦେଶରୁ ଆସୁଥବା ଧର୍ମ ଓଡିଶାକୁ କବଳିତ କରୁଥିଲା ସେତେବେଳେ ମହିମା ସତ୍ୟସନାତନ ଧର୍ମ ଏହାକୁ ରୋକିଥିଲା । ମହିମା ଧର୍ମର ନୀତି ହେଲା - ପ୍ରାତଃ ସ୍ନାନ, ଉଦେଅସ୍ତେ ଦର୍ଶନ, ଗୋମୁତ୍ର ପାନ ଓ ଗୋମୟ ଲେପନ, ଗୈରିକ ବସ୍ତ୍ର ଧାରଣ ଓ ଦିବସେ ପାନ ଭୋଜନ । ମହିମା ଧର୍ମ ଶୂନ୍ୟବାଦକୁ ବିଶ୍ୱାସ କରେ । ଏଠାରେ ବିଶ୍ୱ ସ୍ରଷ୍ଟାଙ୍କୁ ପରଂବ୍ରହ୍ମ, ଅନାଦି, ଅଲେଖ, ଅଣାକାର, ଅବ୍ୟକ୍ତ, ନିରଞ୍ଜନ ଆଦି ନାମରେ ସ୍ତୁତି କରାଯାଏ। ଷଢ ରିପୁ ଓ ତ୍ରିଗୁଣକୁ ଦମନ କରିବାର ଶକ୍ତି ମହିମା ଧର୍ମରେ ରହିଛି । ଗ୍ରାମକୁ ଗ୍ରାମ ପଦବ୍ରଜରେ ଭ୍ରମଣ ପୂର୍ବକ ଭିକ୍ଷା ଗ୍ରହଣ କରି ଇଶ୍ୱର ଉପାସନାର ମାର୍ଗକୁ ମହିମା ସାଧୁମାନେ ଗ୍ରହଣ କରିଥାନ୍ତି। ଗୋଟିଏ ଗ୍ରାମରେ ଏକ ଦିନରୁ ଅଧିକ ଏବଂ ଗୋଟିଏ ଗୃହରେ ଥରକରୁ ଅଧିକ ଭିକ୍ଷା ଗ୍ରହଣ ନକରିବାକୁ ସାଧୁମାନେ ନିୟମ ଭାବରେ ପାଳନ କରିଥାନ୍ତି । ମହିମା ଧର୍ମଗନ୍ଥ ସିଦ୍ଧାନ୍ତ ଅନୁସାରେ ମହିମା ସ୍ୱାମୀ ପ୍ରଥମେ ଭାରତ ବର୍ଷର ହିମାଳୟରେ ଆର୍ବିଭୁତ ହୋଇ ଆତ୍ମ ଯୋଗ ସମାଧି କରିଥିଲେ । ସେ ୧୮୨୬ ମସିହାରେ ପୁଣ୍ୟ ଭୂମି ଉତ୍କଳର ଶ୍ରୀକ୍ଷେତ୍ର ପୁରୀ ବଡଦାଣ୍ଡରେ ପଦାର୍ପଣ କରି ଧୂଳିଆ ବାବା ନାମରେ ପରିଚିତ ହୋଇଥିଲେ । ମହିମା ସ୍ୱାମୀ ଶ୍ରୀକ୍ଷେତ୍ରରୁ ଆସି ଖଣ୍ଡଗିରି ଗୁମ୍ଫାରେ କିଛିକାଳ ଅବସ୍ଥାନ କରି ନିଷ୍କାମ ଲୀଳା ଖେଳା କରିଥିଲେ । ୧୮୩୮ ଖ୍ରୀଷ୍ଟାବ୍ଦରେ ଢେଙ୍କାନାଳର ପ୍ରସିଦ୍ଧ ଶୈବପୀଠ କପିଳାସ ଶିଖରରେ ପଦାର୍ପଣ କରି ୧୮୬୨ ମସିହା ପର୍ଯ୍ୟନ୍ତ ମହିମା ସ୍ୱାମୀ ଆତ୍ମଯୋଗ ସମାଧିରେ ବସି ସିଦ୍ଧିଲାଭ କରିଥିଲେ । ଏହାର ପ୍ରଥମାର୍ଦ୍ଧରେ ଫଳମୂଳ ଓ ଦ୍ୱିତୀୟାର୍ଦ୍ଧରେ ସେ କେବଳ ଗୋଦୁଗ୍ଧ ପାନ କରିଥିଲେ । ସିଦ୍ଧିଲାଭ ପରେ ପଦବ୍ରଜରେ ସମଗ୍ର ଓଡିଶା ଭୂଖଣ୍ଡ ପରିଭ୍ରମଣ କରି ସତ୍ୟ ମହିମା ଧର୍ମ ପ୍ରଚାର କଲେ । ଉଚ୍ଚ-ନୀଚ,ଧନୀ-ଦରିଦ୍ର,ଜାତି-ଅଜାତିର ଭେଦଭାବର ପ୍ରାଚୀରକୁ ମହିମା ଧର୍ମ ହ୍ରାସ କରିଥିବାରୁ ଏହା ତତ୍କାଳୀନ ସମାଜର ତଳସ୍ତର ଲୋକଙ୍କ ଦ୍ୱାରା ଆଦୃତ ହୋଇପାରିଥିଲା । ଶେଷରେ ମହିମା ସ୍ୱାମୀ ଢେଙ୍କାନାଳର ଯୋରନ୍ଦା ଠାରେ ଟୁଙ୍ଗୀ ସ୍ଥାପନା କଲେ । ୧୮୭୫ ମସିହା ମାଘ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ଯୋରନ୍ଦା ମହିମା ଗାଦିରେ ଧୂନି ସ୍ଥାପନା କରିବା ସହ ମହିମାମେଳା ଆରମ୍ଭ କରିଥିଲେ । ଚତୁର୍ଦ୍ଦଶୀ ତିଥି ସଂନ୍ଧ୍ୟାରୁ ପୂର୍ଣ୍ଣମୀ ତିଥି ପ୍ରତ୍ୟୁଷ ପର୍ଯ୍ୟନ୍ତ ପରଂବ୍ରହ୍ମଙ୍କ ଉଦ୍ଦେଶ୍ୟରେ ଘୃତାହୁତି ଅର୍ପଣ କରିବା ସହ ବିଶ୍ୱବାସୀଙ୍କ ମଙ୍ଗଳ ବିଧାନ ପାଇଁ ପ୍ରାର୍ଥନା କରିଥିଲେ। ମହିମା ସ୍ୱାମୀଙ୍କ ପ୍ରତି ଭକ୍ତି ଓ ଶ୍ରଦ୍ଧାର ନିଦର୍ଶନ ସ୍ୱରୂପ ଶୂନ୍ୟପୁରୁଷଙ୍କୁ ଉପାସନା କରିବା ପାଇଁ ପ୍ରତିବର୍ଷ ମାଘ ଶୁକ୍ଳ ଚତୁର୍ଦ୍ଦଶୀ ଠାରୁ ସପ୍ତାହ ବ୍ୟାପୀ ଗୁରୁ ଧାମ ମହିମା ଗାଦିରେ ଅନୁଷ୍ଠିତ ହୁଏ ବାର୍ଷିକ ପ୍ରଭୁ ପୂର୍ଣ୍ଣିମା ଉତ୍ସବ ।

ଶୂନ୍ୟ ଶୂନ୍ୟ ମହାଶୂନ୍ୟ ହେଉଛନ୍ତି ମହିମା ସ୍ୱାମୀ। ତେଣୁ ତାଙ୍କୁ ଶୂନ୍ୟ ବ୍ରହ୍ମ ଭାବରେ ଉପାସନା କରାଯାଇ ଥାଏ । ଯୋରନ୍ଦା ମେଳାରେ ଦେଶବିଦେଶରୁ ମହିମା ଧର୍ମ ସମାଜର ପରାପର ସନ୍ନ୍ୟାସୀ, ବୈରାଗୀ, ଗୃହିଭକ୍ତ ଓ ଶ୍ରଦ୍ଧାଳୁ ସମବେତ ହୋଇଥାନ୍ତି। ଯେଉଁ ତ୍ୟାଗୀ ଓ ବୈରାଗୀମାନେ ଦୀର୍ଘ ବର୍ଷ ଧରି ମହିମାପନ୍ଥୀ ହୋଇ ରହିଥାନ୍ତି ସେମାନଙ୍କୁ ଏହି ମେଳାରେ ସନ୍ନ୍ୟାସ କରାଯାଏ। କେଉଁ ଉପାସନା ପୀଠରେ କିଏ କିଏ ଦାୟିତ୍ୱରେ ରହି ଝାଡ ଓ ଧୂନୀ ଜାଳିବେ ତାହା ବରିଷ୍ଠ ସାଧୁମାନେ ନିଷ୍ପତ୍ତି ନେଇଥାନ୍ତି । ମାଘଶୁକ୍ଳ ତ୍ରୟୋଦଶୀ ପାହାନ୍ତା ପ୍ରହରରୁ ମହିମା ମେଳା ଆରମ୍ଭ ହୁଏ । ଏହାକୁ ବେଢା ପରିକ୍ରମା କୁହାଯାଏ । ପ୍ରାତଃ ବ୍ରାହ୍ମ ମୁହୁର୍ତ୍ତରେ ସାଧୁମାନେ ସତର୍କ ଘଣ୍ଟି ବଜାଇବା ପରେ ନୀତି ନିଯୁକ୍ତ ସାଧୁମାନେ ମହିମା ଗାଦିର ସମସ୍ତ ଉପାସନା ପୀଠ ଗୁଡିକରେ ସ୍ୱତନ୍ତ୍ର ନୀତି ଆରମ୍ଭ କରନ୍ତି । ମାହାଳମୂଳ ଆଶ୍ରମ କୂଅରୁ ରୂପା ଗରାରେ ପାଣି ଅଣାଯାଇ ମନ୍ଦିର ଚାରିପାଖକୁ ଧୋଇବା ପରେ ସୁନା ଗିନାରେ ଥିବା ଶ୍ୱେତଚନ୍ଦନ, ଶ୍ରୀକର୍ପୁର, ଅଗୁର ଆଦି ସିଞ୍ଚନ କରାଯାଇ ଛେରା ପହଁରା କରାଯାଏ । ମହିମାଗାଦିର ଗୋଶାଳାରୁ ମାଟି ଠେକିରେ କ୍ଷୀର ଅଣାଯାଇ କ୍ଷୀର ନୀତି କରାଯାଏ । ଗାଦି ମନ୍ଦିରସ୍ଥ ଅମୁଣିଆ ମଣ୍ଡପରେ ଏକୋଇସିଟି ମାଟି ହାଣ୍ଡିରେ ଅମୁଣିଆ ପ୍ରସାଦ ଶୂନ୍ୟ ମହାପ୍ରଭୁଙ୍କୁ ଅର୍ପଣ କରାଯିବା ପରେ ଏହାକୁ ବାଳକ,ବାଳିକା ତଥା ସର୍ବସାଧାରଣଙ୍କୁ ବଣ୍ଟନ କରାଯାଏ । ମଧ୍ୟାହ୍ନରେ ମଧ୍ୟାହ୍ନ ନୀତି ଓ ଅପରାହ୍ନରେ ତ୍ରିସଂନ୍ଧ୍ୟା ପୂଜା ସମୟରେ ସମାନ ସେବା ନୀତି କରାଯାଏ। ଗାଦିପୀଠରେ ବିଭିନ୍ନ ନୀତି କ୍ରାନ୍ତିରେ ବ୍ୟବହୃତ ମୂଲ୍ୟବାନ ସାଜ ସଂରଞ୍ଜାମ ଯଥା ସୁନା ଓ ରୂପାର ଛତ୍ରୀ, ଆଢେଣି, ତରାସ, ସୁନା ଓ ରୂପାର ଝାଡୁ, ଥାଳି , ଗିନା ଓ ଅନ୍ୟାନ୍ୟ ସାମଗ୍ରୀ ଗୁଡିକୁ ଭକ୍ତଙ୍କ ଦର୍ଶନ ନିମନ୍ତେ କଡା ସୁରକ୍ଷା ବଳୟରେ ନୀତି ମନ୍ଦିରରୁ ଅଣାଯାଇ ଗାଦି ମନ୍ଦିର ବେଢାର ପୂର୍ବ ଦିଗରେ ରଖାଯାଇ ଭକ୍ତମାନଙ୍କୁ ପ୍ରଦର୍ଶନ କରାଯାଏ । ୬୩ ମୂର୍ତ୍ତି ବଲ୍କଳଧାରୀ ସନ୍ନ୍ୟାସୀ ଗାଦି ମନ୍ଦିରରେ ସାତ ମୁଠା ସୁନା ଚାମର ଓ ୬୦ ମୁଠା ରୂପା ଚାମରରେ ଗାଦି ମନ୍ଦିର ଚତୁଃ ପାର୍ଶ୍ୱରେ ସାତ ଥର ଚାମର ସେବା କରିଥାନ୍ତି । ଏହି ସମୟରେ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କ ଗୁରୁ ବ୍ରହ୍ମ ମହିମା ଅଲେଖ ଏବଂ ହୁଳହୁଳି ଶବ୍ଦରେ ଗାଦି ମନ୍ଦିର ପ୍ରକମ୍ପିତ ହୋଇଉଠେ ।

ଶୂନ୍ୟମନ୍ଦିର, ବତୀ ମନ୍ଦିର,ଧୂନି ମନ୍ଦିର,ଏକୋଇଶି ହାତିଆ ମନ୍ଦିର,ସ୍ମୃତି ମନ୍ଦିର ଆଦି ମହିମାଗାଦିର ଉପାସନା ପୀଠ ଗୁଡିକରେ ଜଗତର ହିତାର୍ଥେ ଝାଡ ଦୀପରେ ଘୃତାହୁତି କରିବା ସହିତ ବ୍ରହ୍ମ ଧୂନିରେ ହବ୍ୟାହୂତି ପ୍ରଦାନ କରାଯାଏ । ଗାଦି ମନ୍ଦିରରେ ବଲ୍କଳଧାରୀ ମହିମା ସମାଜର ସଭାପତି ଓ ଅଖଣ୍ଡ ଜ୍ୟୋତି ମନ୍ଦିରରେ କୌପୀନଧାରୀ ମହିମା ସମାଜ ସଭାପତି ଝାଡ ଦୀପରେ ଅଗ୍ନୀ ସଂଯୋଗ କରିଥାନ୍ତି । ଧୂନି ମନ୍ଦିରରେ ମହିମା ଗୋସାଇଁ ପ୍ରତିଷ୍ଠା କରିଥିବା କାଠ ଧୂନି ଏଠାରେ ଆଜିବି ଜଳୁଛି । ଏହି ଧୂନି ପାଉଁଶକୁ "ବ୍ରହ୍ମ ବିଭୂତି" ଭାବେ ଶ୍ରଦ୍ଧାଳୁମାନେ ଗ୍ରହଣ କରିବା ସହ ସଯତ୍ନରେ ସାଇତି ରଖିଥାନ୍ତି । ଶ୍ରଦ୍ଧାଳୁମାନେ ଝାଡଦୀପ ପ୍ରଜ୍ୱଳନ ଦୃଶ୍ୟ ଦର୍ଶନ ସହ ସାଧୁସନ୍ଥଙ୍କ ସାନ୍ନିଧ୍ୟ ଲାଭ କରିଥାନ୍ତି । ଭୀମଭୋଇଙ୍କ ରଚିତ – "ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ, ଦେଖୁ ଦେଖୁ କେବା ସହୁ । ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ ।" ଏହି ମହାବାଣୀକୁ ସ୍ମରଣ କରି ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ମହିମା ସାଧୁମାନେ ଘୃତାହୁତି ପ୍ରଦାନ କରିଥାନ୍ତି । ଶ୍ରଦ୍ଧାଳୁ ଭକ୍ତମାନେ ଯେଉଁ ଘୃତ ଦାନ କରିଥାନ୍ତି ତାହା ବଡ ବଡ ପିତଳ ହଣ୍ଡାରେ ସଂଗୃହିତ ହୋଇ ରଖାଯାଇଥାଏ ଏବଂ ସେଥିରୁ ବଡ ଡଙ୍କି ଦ୍ୱାରା ଘୃତ ଆହୋରଣ କରି ଅଖଣ୍ଡ ଧ୍ୱନି ଓ ପ୍ରଜ୍ୱଳିତ ପ୍ରଦୀପରେ ମହିମା ସାଧୁମାନେ ଆହୂତି ପ୍ରଦାନ କରିଥାନ୍ତି । ସାରାରାତି ପ୍ରଜ୍ୱଳିତ ହୁଏ ଏହି ଝାଡଦୀପ । ଏଥିରୁ ଉଦ୍‌ବେଳିତ ଆଲୋକ ଅଜ୍ଞାନ ଅନ୍ଧକାର ବିରୁଦ୍ଧରେ ଅଭିପ୍ରେତ ବୋଲି ମହିମା ଭକ୍ତମାନେ ବିଶ୍ୱାସ କରନ୍ତି । ଅଜ୍ଞାନ ତମସା ଦୂର ପାଇଁ ଜ୍ଞାନର ପ୍ରଦୀପ ପ୍ରଜ୍ୱଳନ ଏହି ଉତ୍ସବକୁ ଅଧିକ ମହତ୍ତ୍ୱପୂର୍ଣ୍ଣ କରି ଗଢି ତୋଳିଥାଏ । ମାଘ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ଠାରୁ ଆରମ୍ଭ ହୋଇଥିବା ଯୋରନ୍ଦା ମେଳାର ଦ୍ୱିତୀୟ ଦିବସକୁ ଦେଶ ପୂର୍ଣ୍ଣିମା ଭାବେ ପାଳନ କରାଯାଏ । ସନ୍ୟାସୀମାନେ ଦେଶପୂର୍ଣ୍ଣିମା ଉପଲକ୍ଷେ ଜଗତ ଓ ଭଗତଙ୍କ ମଙ୍ଗଳ କାମନା କରି ଝାଡ ପ୍ରଜ୍ୱଳନ କରିଥାନ୍ତି ଓ ଘୃତାହୁତି ପ୍ରଦାନ କରନ୍ତି । ଶ୍ରଦ୍ଧାଳୁମାନେ ପୂଣ୍ୟଦାୟକ ଝାଡ ଦୀପ ପ୍ରଜ୍ୱଳନ ଦୃଶ୍ୟ ଦର୍ଶନ କରିବା ସହିତ ସାଧୁ ସନ୍ଥଙ୍କ ସାନ୍ନିଧ୍ୟ ଲାଭ କରନ୍ତି । ମହିମା ଭଜନ, ଜଣାଣ, ଖଞ୍ଜଣି ମାଡରେ ପ୍ରକମ୍ପିତ ହୁଏ ମହିମା ଗାଦି । ଅନେକ ନିଜର ପିଲାମାନଙ୍କୁ ସନ୍ୟାସୀଙ୍କୁ ଦାନ କରିବା ଓ ସନ୍ୟାସୀଙ୍କ ଠାରୁ ସନ୍ତାନଙ୍କୁ ଗ୍ରହଣ କରିଥାନ୍ତି । ଧୂନି ଏବଂ ଅଖଣ୍ଡ ବତୀକୁ ମହିମା ଧର୍ମୀମାନେ ଅତି ପବିତ୍ର ବସ୍ତୁଭାବେ ଗ୍ରହଣ କରିଥାନ୍ତି । ଯୋରନ୍ଦା ମେଳାର ତୃତୀୟ ଦିବସର ନୀତିକ୍ରାନ୍ତି ପୂର୍ବ ଦୁଇ ଦିନ ଠାରୁ ଭିନ୍ନ । ପ୍ରଥମ ଓ ଦ୍ୱିତୀୟ ଦିନ ଅର୍ଥାତ ବାବା ପୂର୍ଣ୍ଣିମା ଓ ଦେଶ ପୂର୍ଣ୍ଣିମାରେ ଗାଦି ମନ୍ଦିର ଚତୁଃପାର୍ଶ୍ୱରେ ଝାଡଦୀପ ପ୍ରଜ୍ୱଳନ କରାଯାଇ ମହଣ ମହଣ ଘୃତାହୁତି କରାଯାଉଥିବା ବେଳେ ତୃତୀୟ ଦିନରେ କେବଳ ପଶ୍ଚିମ ଦିଗର ଝାଡରେ ହିଁ ଘୃତାହୁତି କରାଯାଇଥାଏ । ତିନିଦିନ ପୂର୍ବରୁ ଭଣ୍ଡାର ଘରୁ ପୂଜା ଓ ସାଧାରଣ ଦର୍ଶନ ପାଇଁ ଅଣାଯାଇଥିବା ସାଜସରଞ୍ଜାମ ଓ ଅଳଙ୍କାରଗୁଡିକୁ ସନ୍ଧ୍ୟାରେ ଫେରାଇ ନିଆଯାଇ ମାଘନୀତି ସମ୍ପନ୍ନ ହୁଏ । ପୃଥିବୀକୁ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା କରିବା,ବସୁଧା ମାତାର ଉତ୍ପାଦିକା ଶକ୍ତି ବୃଦ୍ଧି କରିବା ଏବଂ ବନ୍ୟ ପ୍ରାଣୀଙ୍କ ନିମନ୍ତେ ଖାଦ୍ୟ ଭଣ୍ଡାରର ପ୍ରାଚୁର୍ଯ୍ୟ ନିମନ୍ତେ ଅଲେଖ ନିରଞ୍ଜନ ମହାପ୍ରଭୁଙ୍କ ନିକଟରେ ସାମୁହିକ ପ୍ରାର୍ଥନା କରାଯାଏ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୫ ଫେବୃୟାରୀ ୨୦୨୪ରବିବାର



# ଶ୍ରୀହୀନ ହୋଇପଡ଼ିଛି କମାପଲ୍ଲୀ ବନ୍ଧହୁଡ଼ା ପାର୍କ



**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

୪ ବର୍ଷ ତଳେ କମାପଲ୍ଲୀ ବନ୍ଧ ହୁଡ଼ାରେ ଥିବା ପାର୍କର ଉନ୍ନତିକରଣ କରାଯାଇଥିଲା । ଏଥିପାଇଁ ୨୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା । ଏବେ କିନ୍ତୁ ଏହି ବନ୍ଧ ହୁଡ଼ାର ପାର୍କ ଆବର୍ଜନାମୟ ହୋଇରହିଛି । ସଫେଇକୁ ଗୁରୁତ୍ୱ ଦିଆଯାଉନଥିବା ବେଳେ ଏଠାରେ ଥିବା ବିଭିନ୍ନ ବ୍ୟାୟାମ ଉପକରଣ ଭାଙ୍ଗିରୁଜି ଗଲାଣି । ବସିବା ପାଇଁ ପଡ଼ିଥିବା କଂକ୍ରିଟ୍ ଚେୟାର ମଧ୍ୟରୁ ଅଧିକାଂଶ ଭାଙ୍ଗି ଗଲାଣି । ସେଗୁଡ଼ିକର ମରାମତିକୁ ଗୁରୁତ୍ୱ ଦିଆଯାଉନାହିଁ । ଚଲାପଥରେ ଅନାବନା ଗଛ ମାଡ଼ିଗଲାଣି । ଅଳିଆ ଆବର୍ଜନାରେ ଭରିରହି ଏହି ବନ୍ଧହୁଡ଼ା ଏବେ ପରିତ୍ୟକ୍ତ ଅବସ୍ଥାରେ । ରାତି ହେଲେ ଅନ୍ଧାର ରାଜୁତି କରୁଛି । ଏହି ବନ୍ଧ ହୁଡ଼ା ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ପାଲଟୁଥିବା ଅଭିଯୋଗ ହେଉଛି । ପ୍ରାୟ ୧୦ ବର୍ଷ ତଳେ ୟୁଆଇଡ଼ିଏସ୍ଏସ୍ଏମ୍‌ଟି ଯୋଜନାରେ ଏହି ବନ୍ଧର ପୁନରୁଦ୍ଧାର କରାଯାଇଥିଲା । ଦୂଷିତ ପାଣି ଏବଂ ପଙ୍କ ବାହାର କରାଯାଇଥିଲା । ହୁଡ଼ାରେ ପଥର ପ୍ୟାଚିଂ, ତୁଠ ଗୁଡ଼ିକର ପୁନରୁଦ୍ଧାର ଆଦି ହୋଇଥିଲା । କିନ୍ତୁ ବର୍ଷ କେଇଟା ନ ପୁରୁଣୁ ପୁଣିଥରେ ଏହି ବନ୍ଧ ପାଣି ପ୍ରଦୂଷିତ ହୋଇ ବ୍ୟବହାର ଉପଯୋଗୀ ହୋଇ ରହିଲାନାହିଁ । ଦଳ ଏବଂ ଅନାବନା ଲଟାବୁଦାରେ ଭରି ଯାଇଥିଲା । ତୁଠ ଗୁଡ଼ିକ ଆବର୍ଜନାଗଦା ପାଲଟିଥିଲା । ତଥାପି କେତୋଟି ତୁଠକୁ ସଫା କରି ସ୍ଥାନୀୟ ଲୋକେ ବ୍ୟବହାର କରୁଥିଲେ । ଦଳ ନମାଡ଼ିବା ପାଇଁ ପାଣି ଭିତରେ ବାଉଁଶ ବାଡ଼ର ଘେର କରିଥିବା ଦେଖିବାକୁ ମିଳୁଥିଲା । ବିଶେଷ କରି ଆଖପାଖ ଲୋକଙ୍କ ବହୁ କାର୍ଯ୍ୟ ସମ୍ପନ୍ନ ପାଇଁ ଏହି ବନ୍ଧ ଉପରେ ନିର୍ଭର କରୁଥିଲେ । ପୋଖରୀର ଏଭଳି ଦୟନୀୟ ସ୍ଥିତି ନେଇ ବାରମ୍ବାର ଖବର ପ୍ରକାଶ ପାଇଲା ପରେ ଏବେ ଏହାର ପୁନରୁଦ୍ଧାର ପାଇଁ ପଦକ୍ଷେପ ନିଆଯାଇଛି । ପୁଣି ଦୂଷିତ ପାଣି ବାହାର କରିବା କାମ ଚାଲିଛି । ଅନ୍ୟପକ୍ଷରେ ୨୦୧୮ ମସିହାରେ ଏହି ବନ୍ଧ ହୁଡ଼ାର ସୌନ୍ଦର୍ଯ୍ୟ ବୃଦ୍ଧି କରିଥିବା ପାର୍କର ଉନ୍ନତୀକରଣ ପାଇଁ ପଦକ୍ଷେପ ନିଆଯାଇଥିଲା । କିନ୍ତୁ ରକ୍ଷଣାବେକ୍ଷଣକୁ ଗୁରୁତ୍ୱ ଦିଆଗଲାନାହିଁ । ନିୟମିତ ସଫେଇ ନହେବାରୁ ତାହା ଏବେ ଆବର୍ଜନାରେ ଭରି ରହିଛି । ଦୂରରୁ ଏହା ଅଳିଆଗଦାରେ ଭ୍ରମ ସୃଷ୍ଟି କରୁଛି । ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ । ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ଲକ୍ଷାଧିକ ଟଙ୍କାର ରାଜସ୍ୱ ବ୍ୟୟରେ ସ୍ଥାପନ ହୋଇଥିବା ବନ୍ଧହୁଡ଼ା ପାର୍କର ରକ୍ଷଣାବେକ୍ଷଣ ଏବଂ ଆବଶ୍ୟକ ମରାମତି ସହ ଭଙ୍ଗାରୁଜା ସାମଗ୍ରୀକୁ ସ୍ଥାନାନ୍ତର କରାଯିବା, ସଫେଇକୁ ଗୁରୁତ୍ୱ ଦିଆଗଲେ ପୁଣିଥରେ ଏହି ବନ୍ଧ ହୁଡ଼ା ପାର୍କ ତାର ପୂର୍ବ ସ୍ୱରୂପ ଫେରି ପାଆନ୍ତା ଏବଂ ଏହା ପୋଖରୀର ସୌନ୍ଦର୍ଯ୍ୟ ବୃଦ୍ଧିରେ ସହାୟକ ହୁଅନ୍ତା ।

# ଜଙ୍ଗଲ ସୁରକ୍ଷା ଓ ଅଗ୍ନି ନିରାକରଣ ନେଇ ପଦକ୍ଷେପ

**ଆନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ଆନନ୍ଦପୁର କେନ୍ଦୁଝର ବନ୍ୟପ୍ରାଣୀ ଏବଂ କରଞ୍ଜିଆ ବନ୍ୟପ୍ରାଣୀ ବନାଞ୍ଚଳ ମିଳିତ ଆନୁକୂଲ୍ୟରେ ସାତକୋଶିଆ ଗୋଡ଼ଭଙ୍ଗା ଠାରେ ବନ୍ୟପ୍ରାଣୀ ସଂରକ୍ଷଣ, ଜଙ୍ଗଲ ସୁରକ୍ଷା, ଜଙ୍ଗଲ ନିରାକରଣ ଏବଂ ଜଳ ସଂଗ୍ରକ୍ଷଣ ବିଷୟକୁ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ସାତକୋଶିଆ ରେଞ୍ଜ ଅଧିକାରୀ ରବୀନ୍ଦ୍ର ନାଥ ମହାନ୍ତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ମହୁଲଡିହା ଉଣେଇଶ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ପ୍ରହଲ୍ଲାଦ ମଡ଼େଇ ଏବଂ ଆନନ୍ଦପୁର ଉପ ରେଞ୍ଜ ଅଧିକାରୀ ନବ କିଶୋର ନାୟକ ଯୋଗଦେଇ ନିଜର ଅଭିଭାଷଣରେ କହିଥିଲେ, ଆଗକୁ ଖରାଦିନ ଆସୁଥିବାରୁ ଜଙ୍ଗଲରେ ନିଆଁ ନ ଲଗାଇ ଜୀବଜନ୍ତୁଙ୍କୁ ରକ୍ଷା କରିବା ଏବଂଜଙ୍ଗଲ ଅମର ଜାତୀୟ ସମ୍ପତି ହୋଇଥିବାରୁ ତାକୁ ନିଆଁ ଦାଉରୁ ରକ୍ଷା କରିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ ବୋଲି ଲୋକମାନଙ୍କୁ ବୁଝାଇଥିଲେ । ଜଙ୍ଗଲ ସୁରକ୍ଷା ଏବଂ ଜଳ ସୁରକ୍ଷାକୁ ପ୍ରାଧାନ୍ୟ ନେଇ ଆମେ ଆଗାମୀ ଦିନରେ ପ୍ରକୃତିକୁ ସୁରକ୍ଷା ପାଇଁ କାର୍ଯ୍ୟ କରିବା ପାଇଁ ଅଧିକ ଯତ୍ନବାନ ହେବାପାଇଁ ମତ ରଖିଥିଲେ । ଗୋଡଭଙ୍ଗା ବିଟ ବନ ରକ୍ଷକ ବିଜୟ କୁମାର ମହାନ୍ତ ମଞ୍ଚ ପରିଚାଳନା କରିଥିଲାବେଳେ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଧାତିକିଡିହା ପଞ୍ଚାୟତର ସରପଞ୍ଚ କରୁଣାକର ନାୟକ ଆନନ୍ଦପୁର ବ୍ଲକ କୋଡ଼ପଡ଼ ସରପଞ୍ଚ ସଂଘମିତ୍ରା ମିଶ୍ର ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କୋଡ଼ପଡ଼ା ପଞ୍ଚାୟତ ସମିତିସଭ୍ୟ ମମତା ବାଳା ତ୍ରିପାଠୀ, ଧାତିକିଡିହା ପଞ୍ଚାୟତ ସମିତି ମେମ୍ବର ମନୋଜ କୁମାର ବିନିସିହା, ବୁଡିକୁଦ ବିଟ ବନରକ୍ଷକ ଲକ୍ଷ୍ମୀଧର କିସକୁ, ବନର ସମୀର କୁମାର ମହାନ୍ତ, ଯୋଗେଶ୍ୱର କୁଲଡି ଏବଂ ଉଭୟ ଜିଲ୍ଲାର ୱାର୍ଡମେମ୍ବର, ବନସଂରକ୍ଷଣ ସମିତିର ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ । ଗୋଡ଼ଭଙ୍ଗା, ଧାତିକିଡିହା, କାଞ୍ଜିଆପାଳ, ମହୁଲଗୋଠ, ପାକୁଟବନ୍ଧ, କଲୋନୀସାହି ଏବଂ ନୁଣଖାଇ ଅଞ୍ଚଳର ଶତାଧିକ ଲୋକ ଉପସ୍ଥିତ ରହି ଅତିଥିମାନଙ୍କ ଅଭିଭାଷଣ ଉପଭୋଗ କରିଥିଲେ ।



# ପଲସ୍ ପୋଲିଓ ଟିକାକରଣ ପାଇଁ ଜିଲ୍ଲାସ୍ତରୀୟ ଟାକ୍ସ ଫୋର୍ସ ବୈଠକ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ମାର୍ଚ୍ଚ ୩ ତାରିଖରୁ ଆରମ୍ଭ ହେବାକୁ ଥିବା ପଲସ୍ ପୋଲିଓ ଟିକାକରଣ ପାଇଁ ଏକ ଜିଲ୍ଲାସ୍ତରୀୟ ଟାକ୍ସ ଫୋର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭା ଗୃହରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ର ଅଧ୍ୟକ୍ଷତା କରି ଏହାର ସଫଳତା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏସ୍‌ଏମ୍‌ଓ ଡାକ୍ତର ଅର୍ଚ୍ଚନା ଗାୟନ ପୋଲିଓ ନିରାକରଣ ସହ ଶହେ ପ୍ରତିଶତ ପଲସ୍ ପୋଲିଓ ଟିକାକରଣ ପାଇଁ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ । ସୂଚନା ଯୋଗ୍ୟ, ୨୦୧୧ ମସିହା ପରଠାରୁ ଭାରତ ବର୍ଷରେ ପୋଲିଓ ରୋଗ ଚିହ୍ନଟ ହୋଇନାହିଁ । ତଥାପି ବିଶ୍ୱରୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ ନହେବା ପର୍ଯ୍ୟନ୍ତ ଏହି ରୋଗ ବିରୁଦ୍ଧରେ ଏ ଲଢ଼େଇ ଜାରି ରହିଛି ଓ ରହିବ ବୋଲି ଉପସ୍ଥିତ ଅଧିକାରୀମାନେ କହିଥିଲେ । ଅଙ୍ଗନୱାଡ଼ି କର୍ମୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ଏନ୍‌ଜିଓ, ଜନସାଧାରଣଙ୍କ ଭୂମିକାକୁ ମଧ୍ୟ ଅସ୍ୱୀକାର କରାଯାଇନପାରେ । ବ୍ଲକ ସ୍ତରୀୟ ଟାକ୍ସ ଫୋର୍ସ ବୈଠକ, ସଚେତନତା ଶୋଭାଯାତ୍ରା ଆଦି ଆୟୋଜନ କରି ଲୋକଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ବୈଠକରେ ମତ ପ୍ରକାଶ ପାଇଥିଲା । ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅନୀତା ପଟ୍ଟନାୟକ, ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଡାକ୍ତର ନୃପେନ୍ଦ୍ର କୁମାର ଶତପଥି, ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ଅଞ୍ଜଳୀ ତରାଇ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସତ୍ୟଭାମା ସେଠୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ଓରନ୍ଦା ପଞ୍ଚାୟତରେ ବିଜେଡି ସାଂଗଠନିକ ବୈଠକ

**ଆଠଗଡ଼, ନ୍ୟୁଜ୍ ବ୍ୟୁରୋ**

ଆଠଗଡ ବ୍ଲକ ଅନ୍ତର୍ଗତ ଓରନ୍ଦା ପଞ୍ଚାୟତରେ ବିଜେଡି ପକ୍ଷରୁ ସାଂଗଠନିକ ବୈଠକ ପଞ୍ଚାୟତର ନିମପାହଡରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଧାୟକ ତଥା କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଦଳକୁ ତୃଣମୂଳ ସ୍ତରରେ ମଜବୁଦ କରିବା ନିମନ୍ତେ ପରାମର୍ଶ ଦେବା ସହିତ ସରକାରଙ୍କ ସଫଳତା ଏବଂ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଆହ୍ୱାନ ରଖିଛନ୍ତି । ଏହାସହିତ ଆଗାମି ନିର୍ବାଚନ ପାଇଁ ଦଳର ସମସ୍ତ କର୍ମୀ ଏକଜୁଟ୍ ହୋଇ ରଣନୀତ ପ୍ରସ୍ତୁତ କରିବାକୁ ମଧ୍ୟ ପ୍ରସ୍ତାବ ଦେଇଥିଲେ । ଏଥିନିମନ୍ତେ ପଞ୍ଚାୟତ ସ୍ତରରେ ଏକ କମିଟି ଗଠନ କରାଯାଇଥିଲା । ସଭାପତି ଭାବେ ଜ୍ଞାନ ରଞ୍ଜନ ପଟ୍ଟନାୟକ ଏବଂ ସଂଯୋଜକ ଭାବେ ଗତିକୃଷ୍ଣ ବେହେରା ରହିଥିବା ବେଳେ ଯୁବ ଗୋଷ୍ଠୀ ପକ୍ଷରୁ ପ୍ରଶାନ୍ତ କୁମାର ରାଉତ, ରଞ୍ଜିତ ପ୍ରଧାନ, ସରୋଜ କୁମାର ପ୍ରଧାନ ରହିଛନ୍ତି । ସେହିଭଳି ଛାତ୍ର କମିଟି ପକ୍ଷରୁ ଗିରିଜା ପ୍ରସାଦ ପରିଜା ପଞ୍ଚାୟତ କମିଟିରେ ରାଜୀବ ଲୋଚନ ଦାସ, ସୁଶାନ୍ତ ବିଶ୍ୱାଳ, ଶ୍ରନିବାସ ଦଳେଇ, ବିକୁନା ବିଶ୍ୱାଳ, ଅରୁଣି ସାମଲ, ଶିଶିର ମହାନ୍ତି, ଅନ୍ତର୍ଯ୍ୟାମି ରାଉତ, ସୁନିଲ ପ୍ରଧାନ, ପଦ୍ମଚରଣ ସ୍ୱାଇଁ ପ୍ରମୁଖ ରହିଛନ୍ତି ।

# ୨ ପଞ୍ଚାୟତରେ କଲ୍ୟାଣ ମଣ୍ଡପ,ସ୍ୱାସ୍ଥ୍ୟକେନ୍ଦ୍ର ଓ ପାନୀୟ ଜଳ ପ୍ରକଳ୍ପ ଲୋକାର୍ପିତ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ ବୁହାଲୋ ଓ ରାମକୃଷ୍ଣପୁର ଦୁଇ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ ଓଝା, ବିଡିଓ ଧର୍ମରଞ୍ଜନ ପଣ୍ଡା, ସିଡିପିଓ ସତ୍ୟଭାମା ବିଶୋଇ, ଜିଲ୍ଲାପରିଷଦ ସଭ୍ୟ ବିପ୍ଳବ କାପ, ଜସ୍ମିତା ସେଠୀ, ପ୍ରାକ୍ତନ ଅଧ୍ୟକ୍ଷା ସବିତା ଓଝା ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ମହିଳା ମାନଙ୍କ ପାଇଁ ୫ଟି ଉପହାର ଯଥା ଲକ୍ଷ୍ମୀବସ୍, ମମତା ଯୋଜନା, ମିଶନ ଶକ୍ତି ଓ ବିଏସକେୱାଇ ଯୋଜନା ଉପରେ ଆଲୋକପାତ କରିଥିଲେ । ରାମକୃଷ୍ଣପୁର ପଞ୍ଚାୟତରେ ସରପଞ୍ଚ ଭାରତୀ ସ୍ୱାଇଁ ସଭାପତିତ୍ୱରେ ସମିତି ସଭ୍ୟ ନର୍ମଦା ରାଉତ, ପ୍ରାକ୍ତନ ସରପଞ୍ଚ ମନୋରଞ୍ଜନ ସ୍ୱାଇଁ, ଗଙ୍ଗାଧର ବସ୍ତିଆ, ମହମ୍ମଦ ଅଜିମ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି ଅବସରରେ କବି ତଥା ଶିକ୍ଷାବିତ ଶ୍ୟାମସୁନ୍ଦର ଲେଙ୍କାଙ୍କ ସ୍ୱରଚିତ ପୁସ୍ତକ ଉନ୍ମୋଚନ କରାଯାଇଥିଲା । ଏହି ଅବସରରେ ରାସନକାର୍ଡ ହିତାଧିକାରୀ ମାନଙ୍କୁ ବ୍ୟାଗ ଓ ୧ ହଜାର ଟଙ୍କା ପ୍ରଦାନ କରାଯାଇଛି । ସେହିଭଳି ଭାବେ ବୁହାଲୋ ପଞ୍ଚାୟତରେ ସରପଞ୍ଚ ରମାକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ନାଏବ ସରପଞ୍ଚ ସ୍ୱର୍ଣ୍ଣଲତା ମହାନ୍ତି, ଗଗନ ବିହାରୀ ବରାଳ, ପୂର୍ବତନ ସରପଞ୍ଚ ସାଧୁଚରଣ ସେଠୀ, ମାୟାଧର ପରିଡ଼ା, ବିମ୍ବାଧର ମଲିକ, ଆଶିଷ ସାହୁ, ଅଚ୍ୟୁତାନ୍ଦ ସାହୁ ଓ ଚକ୍ରଧର ପଲେଇ ପ୍ରମୁଖ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି ଅବସରରେ ଆଶାକର୍ମୀ, ଅଙ୍ଗନୱାର୍ଡି କର୍ମୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ସାହିତ୍ୟିକ ଓ ଶିକ୍ଷାବିତ ମାନଙ୍କୁ ପଞ୍ଚାୟତ ପକ୍ଷରୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ସରକାରୀ ଯୋଜନା ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଛି । ବୁହାଲୋ ପଞ୍ଚାୟତରେ ୮୩ ଲକ୍ଷ ୯୦ ହଜାର ଟଙ୍କା ବିନିମୟରେ ଏକ ପାନୀୟ ଜଳ ପ୍ରକଳ୍ପର ଲୋକାର୍ପଣ ହୋଇଛି । ଏହି ପ୍ରକଳ୍ପ କାର୍ଯ୍ୟକ୍ରମ ହେବା ପରେ ବୁହାଲୋ ଓ ସୁନାଇଲୋ ଗ୍ରାମର ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ପରିବାର ସ୍ୱଚ୍ଛ ପାନୀୟ ଜଳ ପାଇପାରିବେ । ସେହିପରି ଭାବେ ଏହି ପଞ୍ଚାୟତର ୨୫ ଲକ୍ଷ ଟଙ୍କା ବିନିମୟରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ରର ମଧ୍ୟ ଲୋକାର୍ପଣ କରାଯାଇଛି ।




# ଧର୍ମଶାଳାରେ ୨୪ ବର୍ଷର ବିକାଶ କାର୍ଯ୍ୟର ହିସାବ ରଖିଲେ ବିଧାୟକ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

'ଆମ ଓଡ଼ିଶା ନବୀନ ଓଡ଼ିଶା' ମାଧ୍ୟମରେ ଥାନୁଆଳ, ଗଙ୍ଗାଧରପୁର, ଆରୁହା, ପାଖର, ହରିଦାସପୁର, ତରିଆ ଏବଂ ଭବାନୀପୁର ଗ୍ରାମ ପଞ୍ଚାୟତରେ ଜନସାଧାରଣଙ୍କୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ସଭାରେ ଉଦେଶ୍ୟ ଉପରେ ଆଲୋକପାତ କରିବା ସହିତ ଓଡ଼ିଶା ସରକାରଙ୍କ ୨୪ ବର୍ଷ ଧରି ଏହି ପଞ୍ଚାୟତରେ କରିଥିବା ଉନ୍ନତିମୂଳକ କାର୍ଯ୍ୟର ହିସାବ ରଖିଥିଲେ । ସେହି ପଞ୍ଚାୟତରେ ମୋଟ ରାସନ ପାଇଥିବା ହିତାଧିକାରୀ ସଂଖ୍ୟା, ମଧୁବାବୁ ପେନସନ୍ ଯୋଜନା ଅନ୍ତର୍ଭୁକ୍ତ ହିତାଧିକାରୀ ସଂଖ୍ୟା ଏବଂ ସମସ୍ତ ରାଜ୍ୟ ସରକାରଙ୍କ ଯୋଜନାରେ ଅନ୍ତର୍ଭୁକ୍ତ ଜନସାଧାରଣଙ୍କୁ ଏହି କାର୍ଯ୍ୟକ୍ରମରେ ଅବଗତ କରାଇଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ମିଶନ ଶକ୍ତିର ମାଆ ମାନଙ୍କ ଡ୍ରେସ୍‌କୋଡ ପାଇଁ ହଜାର ଟଙ୍କାର ଅର୍ଥରାଶି ଦେବାପାଇଁ ଘୋଷଣା କରିଥିବା ସହିତ ମମତା ଯୋଜନାରେ ମାଆ ମାନଙ୍କୁ ୫ ହଜାରରୁ ୧୦ ହଜାର ଟଙ୍କାର ସହାୟତା ଓ ମଧୁବାବୁ ପେନସନ୍ ଯୋଜନାରେ ୫୦୦ ଟଙ୍କା ବୃଦ୍ଧି, କଳାକାରଙ୍କ ପାଇଁ ସହାୟତା ରାଶି ବୃଦ୍ଧି, ପ୍ରତ୍ୟେକ ରାସନଧାରୀ ପରିବାରକୁ ୧ ହଜାର ଟଙ୍କା ପ୍ରଦାନ କରିବାପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଥିବା କଥା ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗଦେଇ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ଧର୍ମଶାଳା ପଞ୍ଚାୟତ ସମିତି ମାଧ୍ୟମରେ ହୋଇଥିବା ସମସ୍ତ ଯୋଜନା ବିଷୟରେ ଜନସାଧାରଣଙ୍କୁ ଅବଗତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ପରିଚାଳନା କରିଥିଲେ ।

# କଳିଙ୍ଗ ସାହିତ୍ୟ ମହୋତ୍ସବରେ କବିତା ପୁସ୍ତକ 'ମୁଁ ଶୁନ କହୁଛି' ଉନ୍ମୋଚିତ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱରର ହୋଟେଲ ସ୍ୱସ୍ତି ପ୍ରିମିୟମରେ ଚାଲିଥିବା ତିନିଦିନିଆ କଳିଙ୍ଗ ସାହିତ୍ୟ ମହୋତ୍ସବର ଉଦ୍‌ଘାଟନୀ ଦିବସରେ ପ୍ରଦୀପ ମହାପାତ୍ରଙ୍କ ଓଡ଼ିଆ କବିତା ସଂକଳନ 'ମୁଁ ଶୁନ କହୁଛି'ର ଉନ୍ମୋଚନ ଉପରେ ସମସ୍ତଙ୍କ ନଜର ରହିଥିଲା । ଏହି ପୁସ୍ତକକୁ ବିଶିଷ୍ଟ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଲେଖକ ଦାସ ବେନହୁର ଓ ଓଡ଼ିଶାର ବିଶିଷ୍ଟ କବି, ଲେଖିକା ଓ ଶିକ୍ଷାବିତ୍ ଚିନ୍ମୟୀ ପଣ୍ଡା 'ମଧୁବାବୁଙ୍କ ଓଡ଼ିଶା' ଶୀର୍ଷକ ଅଧିବେଶନରେ ଉନ୍ମୋଚନ କରିଥିଲେ । ଏହି ଉତ୍ସବରେ ସମ୍ମାନିତ ଅତିଥି ଓ ସାହିତ୍ୟପ୍ରେମୀମାନେ ଏକାଠି ହୋଇ କଳା, ସଂସ୍କୃତି ଓ ସାହିତ୍ୟର ଉତ୍ସବ ପାଳନ କରିଥିଲେ । ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲାର ବାସିନ୍ଦା ପ୍ରଦୀପ ବର୍ତ୍ତମାନ ଆମେରିକାର ବିର୍ଟନ ସ୍ଥିତ ଇଂଟେଲରେ ସିଷ୍ଟମ ଇନେବଲମେଣ୍ଟ ଦଳର ମ୍ୟାନେଜର ଭାବେ କାର୍ଯ୍ୟ କରୁଛନ୍ତି । ପ୍ରଦୀପ ମହାପାତ୍ରଙ୍କ ମାର୍ମିକ କବିତା ଦର୍ଶକଙ୍କ ମନକୁ ଆକର୍ଷିତ କରିଥିଲା, ଯେଉଁଥିରେ ତାଙ୍କ ଭାବପ୍ରବଣ ଆବେଗ ଓ ଗଭୀର ଜ୍ଞାନର ଝଲକ ଦେଖିବାକୁ ମିଳିଥିଲା । ଏହି ପୁସ୍ତକ ପ୍ରକାଶନ ପରେ ପ୍ରଦୀପ ମହାପାତ୍ରଙ୍କ କୃତି ନିଶ୍ଚିତ ଭାବରେ ସାହିତ୍ୟ ଜଗତରେ ଏକ ଛାପ ଛାଡ଼ିଛି, ଯାହା ଏହାର ଗଭୀରତା ଏବଂ ଭାବପ୍ରବଣତା ଦ୍ୱାରା ପାଠକଙ୍କୁ ଆକର୍ଷିତ କରିବ ।

# ଧର୍ମଶାଳାକୁ ଏନ୍ଏସି ଘୋଷଣାରେ ବିଳମ୍ବ ନେଇ ଅସନ୍ତୋଷ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାର ଶେରଗଡ଼କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନ୍ଏସି ଘୋଷଣା କରିବା ପରେ ଧର୍ମଶାଳାକୁ ଏନ୍ଏସି ଘୋଷଣା ବିଳମ୍ବ ହେଉଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି । ଧର୍ମଶାଳାର ମୁଖ୍ୟଦାବି ଏନ୍ଏସିକୁ ରାଜ୍ୟ ସରକାର ୪୦ ବର୍ଷ ଧରି ଅବହେଳା କରିଆସୁଥିବା ବେଳେ ଆସନ୍ତା ନିର୍ବାଚନରେ ଏହାର ପ୍ରଭାବ ପଡ଼ିବ ବୋଲି ସାଧାରଣରେ ଆଲୋଚନା ହେଉଛି । ପୂର୍ବତନ ବିଧାୟକ ରବିଲାବଣ୍ୟ ଧର୍ମଶାଳା ଏନ୍ଏସି ପାଇଁ ନଗର ଉନ୍ନୟନର ବିଭାଗୀୟ ଅଧିକାରୀଙ୍କୁ ଭେଟି ଦାବିପତ୍ର ଦେଇଥିଲେ । ସେଥିପାଇଁ ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇ କାମ ଆଗେଇଥିଲା । ସମସ୍ତ ଭିତ୍ତିଭୂମି ଥାଇ ଘୋଷଣା ବିଳମ୍ବ ହେଉଥିବାରୁ ଏବେ ଅସନ୍ତୋଷ ପ୍ରକାଶ ପାଇଲାଣି । ରାଜ୍ୟ ସରକାର ତୁରନ୍ତ ଧର୍ମଶାଳାକୁ ଏନ୍ଏସି ଘୋଷଣା କରିବାକୁ ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ଦାବି କରିଛନ୍ତି ।

# କୃଷି ଉତ୍କର୍ଷ କେନ୍ଦ୍ରର ପ୍ରତିଷ୍ଠା ଉତ୍ସବ:କୃଷି ଭିତ୍ତିକ ସବୁଜ କ୍ରାନ୍ତି ଆମ ସମସ୍ତଙ୍କ ପାଇଁ ଆହ୍ୱାନ

**ମାହାଙ୍ଗା, ନ୍ୟୁଜ୍**

ଆନ୍ତର୍ଜାତିକ ସ୍ୱେଚ୍ଛାସେବୀ ସଂସ୍ଥା ସଲିଡ଼ାରିଡ଼ାଡ୍ ଏବଂ ଶରତ କର ଓ ଅନିମା କର ଫାଉଣ୍ଡେସନ୍ ମିଳିତ ଉଦ୍ୟମରେ ମାହାଙ୍ଗା ଅଞ୍ଚଳର ବନ୍ତଳା ଗ୍ରାମରେ ପ୍ରତିଷ୍ଠିତ କୃଷି ଉତ୍କର୍ଷ କେନ୍ଦ୍ରର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଫାଉଣ୍ଡେସନ ଅଧ୍ୟକ୍ଷ ତଥା ବିଶିଷ୍ଟ ସମାଜ ସେବୀ ଶୋଭନ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଭବ୍ୟ ଉତ୍ସବରେ ଉପସ୍ଥିତ ସ୍ଥାନୀୟ ପ୍ରାୟ ୧୫ଟି ପଞ୍ଚାୟତର କୃଷିଜୀବୀ ମାନଙ୍କୁ ଉଦ୍‌ବୋଧାନ ଦେଇ ଶ୍ରୀ କର କହିଲେ - ମାହାଙ୍ଗାରେ କୃଷି ଭିତ୍ତିକ ସବୁଜ କ୍ରାନ୍ତି ଆମ ସମସ୍ତଙ୍କ ପାଇଁ ଏକ ଆହ୍ୱାନ । ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମ ସହିତ କୃଷକ ମାନଙ୍କର ସମ୍ମିଳିତ ପ୍ରୟାସ ଆମକୁ ସ୍ୱାବଲମ୍ବୀ କରାଇପାରିବ । ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଲିଡ଼ାରିଡ଼ାଡ୍, ଏସିଆର ପରିଚାଳନା ନିର୍ଦ୍ଦେଶକ ଶତଦ୍ରୁ ଚଟ୍ଟୋପାଧ୍ୟାୟ ନେଦରଲାଣ୍ଡ ଆଦି ବିଦେଶୀ କୃଷକ ମାନଙ୍କର ଉଦାହରଣ ଦେଇ ସବୁଜ ବିପ୍ଳବ କ୍ଷେତ୍ରରେ ମହିଳା ଉତ୍ପାଦକ ଗୋଷ୍ଠୀ ଏବଂ ଯୁବା ଗୋଷ୍ଠୀର ସଶକ୍ତି କରଣ କାର୍ଯ୍ୟକ୍ରମକୁ ଓଡ଼ିଶାର କୋଣ ଅନୁକୋଣରେ ସମ୍ପ୍ରସାରିତ କରିବାକୁ ଅନୁଷ୍ଠାନର ଉଦ୍ୟମ ଜାରି ରହିଛି ବୋଲି ଉଲ୍ଲେଖ କରିଥିଲେ ।




ଏଥିରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଲିଡ଼ାରିଡ଼ାଡ୍ ଅନ୍ୟତମ ନିର୍ଦ୍ଦେଶକ ପ୍ରଶାନ୍ତ ପାସ୍ତରେ ସୁସ୍ଥ ଜୀବନ ଧାରଣ ପାଇଁ ପର୍ଯ୍ୟାବରଣ, ଜୈବିକ ଖତ ସାର ପ୍ରୟୋଗରେ ମୃତ୍ତିକା ଉର୍ବରତା ତଥା ଅତ୍ୟାଧୁନିକ ଜ୍ଞାନ କୌଶଳରେ ଚାଷ ପ୍ରଣାଳୀ ପ୍ରୟୋଗ ଉପରେ ଗୁରୁତ୍ୱାରୋପ କରିଥିଲେ । ମାନବ ସମ୍ବଳ ଅଧିକାରୀ ସରୋଜ କୁମାର ସାହୁ, ମହିଳା ସ୍ୱେଚ୍ଛସେବୀ ସୁଶ୍ରୀ ନିହାରିକା ମହାନ୍ତି ସ୍ୱକୀୟ ଅଭିଜ୍ଞତାରୁ କୃଷି ଓ କୃଷକର ବିକାଶ ପାଇଁ ଅନୁଷ୍ଠାନର ପ୍ରତିବଦ୍ଧତା ସମ୍ପର୍କରେ ଆଲୋକପାତ କରିଥିଲେ । ସଲିଡ଼ାରିଡ଼ାଡ୍‌ର ଓଡ଼ିଶା ସଂଯୋଜକ ଜ୍ଞାନ ରଞ୍ଜନ ଷଡ଼ଙ୍ଗୀ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଶରତ କର ଓ ଅନିମା କର ଫାଉଣ୍ଡେସନ୍ ପକ୍ଷରୁ ସଂଯୋଜକ ଶୁଭେନ୍ଦୁ କୁମାର ସାମଲ ଧନ୍ୟବାଦ୍ ଦେଇଥିଲେ । କୃଷି ଉତ୍କର୍ଷ କେନ୍ଦ୍ର ପରିସରରେ ପ୍ରାଥମିକ ପର୍ଯ୍ୟାୟରେ ଏକ ୩୦ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଶୀତଳ ଭଣ୍ଡାରକୁ ଅତିଥି ମାନେ ଉଦ୍ଘାଟନ କରିଥିଲେ । ପରେ ପରେ ଅପରାହ୍ନରେ ମାହାଙ୍ଗା ମଣ୍ଡଳ ଅଧିନସ୍ଥ ପୁରୁଷୋତ୍ତମପୁର ଗ୍ରାମକୁ ଆଦର୍ଶ କୃଷି ଗ୍ରାମ ଭାବେ ଗ୍ରହଣ କରାଯାଇଥିବା ଫଳକକୁ ଅତିଥିମାନେ ଗ୍ରାମବାସୀ ମାନଙ୍କ ଉପସ୍ଥିତିରେ ଉନ୍ମୋଚନ କରିଥିଲେ । ସ୍ଥାନୀୟ ମାଆ ବରୁଣେଇ କ୍ଲବ୍ ଘରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଶତାଧିକ କୃଷିଜୀବୀ ଜନସାଧାରଣ ଯୋଗଦେଇ ଦେଇଥିଲେ ।

# ବିଜେପିର ଗାଁକୁ ଚଲ ଅଭିଯାନ ଆରମ୍ଭ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାରଙ୍କ ଜନବିରୋଧୀ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଧର୍ମଶାଳା ବିଜେପି ପକ୍ଷରୁ ନେତ୍ରୀ ସ୍ମୃତିରେଖା ପହିଙ୍କ ନେତୃତ୍ୱରେ ଗାଁକୁ ଚଲ ଅଭିଯାନ ଆରମ୍ଭ ହୋଇଛି । ଧର୍ମଶାଳା ନିର୍ବାଚ ମଣ୍ଡଳୀର ବଉଳମାଳ ପଞ୍ଚାୟତ ହାଟପଡିଆରୁ ବିଜେପି କର୍ମୀମାନଙ୍କର ବିରାଟ ପଟୁଆର ବାହାରି ଗାଁକୁ ଗାଁ ବୁଲି ଲୋକଙ୍କୁ ସଚେତନ କରାଉଥିଲେ । ବିଭିନ୍ନ କେନ୍ଦ୍ରୀୟ ଅନୁଦାନ ବିଷୟରେ ଲୋକଙ୍କୁ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଆତୁଳ ମଲିକ, ହେମନ୍ତ ଦଳାଇ, କୁମର ସାମଲ, ଅଶୋକ ମଲିକ, ବିଷ୍ଣୁ ବେହେରା, ଯୁଗଳ ପ୍ରଧାନ, ରମେଶ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ଯାଜପୁର ଜିଲ୍ଲା କଂଗ୍ରେସ କମିଟିର ମିଡ଼ିଆ ସଂଯୋଜକ ନିଯୁକ୍ତ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ପ୍ରଦେଶ କଂଗ୍ରେସ କମିଟିର ଗଣମାଧ୍ୟମର ଅଧ୍ୟକ୍ଷ ବିଶ୍ୱରଞ୍ଜନ ମହାନ୍ତି ଯାଜପୁର ଜିଲ୍ଲା କଂଗ୍ରେସ କମିଟି ମିଡ଼ିଆ ସେଲର ସଂଯୋଜକ ଭାବେ ଆଦିତ୍ୟ ମହାନ୍ତିଙ୍କୁ ନିଯୁକ୍ତି ଦେଇଛନ୍ତି । ଶ୍ରୀ ମହାନ୍ତି ଦୀର୍ଘ ବର୍ଷ ଧରି କଂଗ୍ରେସର ସମସ୍ତ ଗଣମାଧ୍ୟମ କାର୍ଯ୍ୟକ୍ରମକୁ ନିଷ୍ଠାପର ଭାବେ ତୁଲାଇ ଆସିଛନ୍ତି । ଏହାକୁ ଦୃଷ୍ଟିରେ ରଖି ଶ୍ରୀ ପଟ୍ଟନାୟକ ତାଙ୍କୁ ଯାଜପୁର ପରି ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାରେ ଦାୟିତ୍ୱ ଦେଇଛନ୍ତି । ଏଥିପାଇଁ ଶ୍ରୀ ମହାନ୍ତି ପିସିସି ସଭାପତି ଶରତ ପଟ୍ଟାନାୟକ ଏବଂ ଗଣମାଧମ ଅଧ୍ୟକ୍ଷ ବିଶ୍ୱରଞ୍ଜନ ମହାନ୍ତିଙ୍କୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜଣାଇଛନ୍ତି । ଜିଲ୍ଲାର ମିଡିଆ କୋଅଡିନେଟର ଭାବେ ଆଦିତ୍ୟ ମହାନ୍ତ ନିଯୁକ୍ତି ପାଇଥିବାରୁ ଜିଲ୍ଲା ସଭାପତି ମନୋଜ ରାଉତ, ବିଷ୍ଣୁ ରାଉତ, ସନ୍ତୋଷ ନନ୍ଦ, ବନ୍ଦିତା ପରିଡା, ବଳଭଦ୍ର ଦାସ, ଅଞ୍ଜଳ ଦାସ, ସନ୍ତୋଷ ବେହେରା, ଭାସ୍କର ମହାନ୍ତି, ପଦ୍ମାକର ଗୁର, ଅକ୍ଷୟ ଶତପଥୀ, ବିଭୂତି ମହାପାତ୍ର, କନକଲତା ରାଉତ, କିଶାନ ପଣ୍ଡା, କନକଲତା ମଲିକ, ଗଦାଧର ଦାସ, ଅପର୍ଣ୍ଣାଧୀର ଅନ୍ୟପଟେ ନୂଆ ଦାୟିତ୍ୱ ପାଇବା ପରେ ରାମଚନ୍ଦ୍ର ଖୁଣ୍ଟିଆ, ଶରତ ରାଉତ, ବନ୍ଦିତା ପରିଡାଙ୍କୁ ଆଦିତ୍ୟ ମହାନ୍ତି କୃତଜ୍ଞତା ଜଣାଇଛନ୍ତି ।

# ପଲ୍ଲୀପ୍ରତିଭା ସାହିତ୍ୟ ଓ ସଂସ୍କୃତି ସଂସଦର କବିତା ଆସର

**କଟକ, ନ୍ୟୁଜ୍ ବ୍ୟୁରୋ**

ସାରସ୍ୱତ ଅନୁଷ୍ଠାନ ପଲ୍ଲୀ ପ୍ରତିଭା ସାହିତ୍ୟ ଓ ସଂସ୍କୃତି ସଂସଦର କବିତା ଆସର ଓ ଆଲୋଚନା ଚକ୍ର ଗତୀରାଉତପାଟଣା ଡିହସାହି ସ୍ଥିତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି ଚୈତନ୍ୟ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆସରରେ ଉଦ୍‌ଘାଟକ ଭାବେ ଡ. ସୁବାଷ ବିଶ୍ୱାଳ, ମୁଖ୍ୟଅତିଥି ଭାବେ ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର ସଭାପତି କୈଳାସ ଚନ୍ଦ୍ର ଜେନା, ମୁଖ୍ୟବକ୍ତା ଭାବେ ଡ. ସନ୍ତୋଷ କୁମାର ପଣ୍ଡା, ବରେଣ୍ୟ ଅତିଥି ଭାବେ ପିତାମ୍ବର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଶ୍ରୀଦୁର୍ଗା ସାହିତ୍ୟ ସଂସଦର ସଭାପତି ପଣ୍ଡିତ ଚୈତନ୍ୟ କୁମାର ସାହୁ, ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ଓ ବାବାଜି ଚରଣ ଜେନା ଯୋଗଦେଇ ପଲ୍ଲୀରୁ ପ୍ରତିଭାକୁ ଚୟନ କରି ସାରସ୍ୱତ ଜଗତକୁ ସମୃଦ୍ଧ କରୁଥିବାରୁ ସଭାପତି ଓ ସମ୍ପାଦକଙ୍କୁ ବଧେଇ ଜଣେଇଥିଲେ । କବି ରାଜୀବ ଷଡଙ୍ଗୀ, ବିଶ୍ୱମିତ୍ରା ମିଶ୍ର ଓ ପ୍ରମିଳା ପତିଙ୍କ ସଂଯୋଜନାରେ କବି ବସନ୍ତ କୁମାର ସାହୁ, ସୁଧୀର କୁମାର ନାୟକ, ବିଧୁଭୂଷଣ ମହାନ୍ତି, ନିରୁପମା ମିଶ୍ର, ମୈତ୍ରୀଭୂଷଣ ଖୁଣ୍ଟିଆ, ଉତ୍ତମ ଚରଣ ପ୍ରଧାନ, ବ୍ରଜବନ୍ଧୁ ପୃଷ୍ଟି, କରୁଣାକର ବାରିକ, ରାଜକିଶୋର ସ୍ୱାଇଁ, ଅଶ୍ୱିନୀ କୁମାର ସେଠୀ, ପ୍ରମୋଦ କୁମାର ସାହୁ, ତପନ ସ୍ୱାଇଁ, ପ୍ରଜ୍ଞାପରମିତା ପ୍ରଧାନ, ଅରୁଣ କୁମାର ଅଗରବାଲ, ସଚ୍ଚିଦାନନ୍ଦ କର, ଶୁନୀ ଦାଶ, ପ୍ରମୋଦ କୁମାର ଦଳାଇ, ଆଦିତ୍ୟ ରଞ୍ଜନ ଦାଶ, କମଳାକାନ୍ତ ନାୟକ, ଦେବାଶିଷ ବାରିକ, ନିରୁପମା ସାହୁ, ରଞ୍ଜନ ରାୟ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ପ୍ରାରମ୍ଭରେ ଦିବଂଗତ ଦେବରାଜ ପ୍ରଧାନ ଓ ସାହିତ୍ୟିକ ସାତକଡି ହୋତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ସମ୍ପାଦିକା ଗୀତାଞ୍ଜଳୀ ପୃଷ୍ଟି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଡେଜି ରାଉତ ପରିଚାଳନାରେ ସହଯୋଗ କରିଥିଲେ । ସରୋଜ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।



# ବଣ୍ଟନ ହେଲା ମୁଗ ବିରି ବିହନ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ ସୁକରପଡା ଗ୍ରାମପଞ୍ଚାୟତରେ କୃଷି ବିଭାଗ ତରଫରୁ ଚାଷୀଙ୍କୁ ମାଗଣାରେ ବିରି ଓ ମୁଗ ବିହନ ବଣ୍ଟନ କରାଯାଇଥିବାର ଚାଷୀ ମହଲରେ ଆନନ୍ଦ ପ୍ରକାଶ ପାଇଛି । ସୁକରପଡା ଗ୍ରାମପଞ୍ଚାୟତର ହଳଧରପୁର ଓ ସୁକରପଡା ଗ୍ରାମର ଚାଷୀଙ୍କ ମଧ୍ୟରେ ମୁଗ ଓ ବିରି ବିହନ ମାଗଣାରେ ବଣ୍ଟନ କରାଯିବା ନିମନ୍ତେ ସରକାରଙ୍କ ତରଫରୁ ୧୦ କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ ବିହନ ଯୋଗାଇ ଦିଆଯାଇଥିଲା । ମାତ୍ର ଏହି ବିହନ ଚାଷୀଙ୍କ ମଧ୍ୟରେ ବଣ୍ଟନ କରାନଯାଇ ଚଲୁ କରିଦେବା ନିମନ୍ତେ ମସୁଧା ଚାଲିଥିଲା । ଏସମ୍ପର୍କରେ ପ୍ରମୁଖ ଗଣମାଧ୍ୟମରେ ଏକ ଅନୁସନ୍ଧାନ ମୂଳକ ଖବର ପ୍ରକାଶ ପାଇବା ପରେ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଥିଲା । ନିଶ୍ଚିନ୍ତକୋଇଲି କୃଷି ଅଧିକାରୀ ରଶ୍ମିରଞ୍ଜନ ବରିହା, ସରପଞ୍ଚ ମନୋଜ କୁମାର ମଲିକ, କୃଷକସାଥି ଶରତଚନ୍ଦ୍ର ଦାସ, ସୁଶାନ୍ତ କୁମାର ଓଝା ଓ ବିଜେଡି ଯୁବନେତା ସେକ୍ ବୁରହାନଙ୍କ ଉପସ୍ଥିତିରେ ୨୦୬ ଜଣ ଚାଷୀଙ୍କୁ ମାଗଣାରେ ମୁଗ ଓ ବିରି ବଣ୍ଟନ କରାଯାଇଥିଲା ।

# ପୁଲୱାମା ସହିଦଙ୍କୁ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ପୁଲୱାମା ଠାରେ ସହିଦ୍ ହୋଇଥିବା ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଜମଧର ପଞ୍ଚାୟତରେ ଏହି ଉପଲକ୍ଷେ ସରପଞ୍ଚ ରାଜ କିଶୋର ଖୁଣ୍ଟିଆଙ୍କ ନେତୃତ୍ୱରେ ପଞ୍ଚାୟତର ୮ ଗୋଟି ପୂଜା କମିଟିର ସଭାପତି, ସମ୍ପାଦକ, ସଭ୍ୟ/ସଭ୍ୟା ପ୍ରମୁଖ ଉପସ୍ଥିତ ରହି ପୁଲୱାମା ଠାରେ ସହିଦ୍ ହୋଇଥିବା ଯବାନ ମାନଙ୍କ ଉଦ୍ଦେଶ୍ୟରେ ମହମବତୀ ଧରି ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ବରିଷ୍ଠ ନାଗରିକ, ମହିଳା ଯୁବକ, ଯୁବତୀ ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ପଞ୍ଚାୟତିରାଜ ଅନୁଷ୍ଠାନ ଓ ମିଲେଟ ପ୍ରୋତ୍ସାହନ କାର୍ଯ୍ୟକ୍ରମ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଲୋକ କଳା ବିକାଶ କେନ୍ଦ୍ର ସରସରା ତରଫରୁ ଚାରିଛକ ବ୍ଲକ୍ ସମ୍ମିଳନୀ କକ୍ଷରେ ପଞ୍ଚାୟତିରାଜ ଅନୁଷ୍ଠାନ ଓ ମିଲେଟ ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବୌଦ୍ଧ ଜିଲ୍ଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ, ସମ୍ମାନୀତ ଅତିଥି ରୂପେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବସନ୍ତ କୁମାର ପାଣିଗ୍ରାହୀ, ହରଭଙ୍ଗା ବ୍ଲକ୍ ଉପାଧ୍ୟକ ସରୋଜ କୁମାର ପ୍ରଧାନ, ବ୍ଲକ୍ କୃଷି ଅଧିକାରୀ ସବ୍ୟସାଚୀ ଦାସ, ମିଲେଟ୍ ମିଶନ ଜିଲ୍ଲା ସଂଯୋଜକ ଜିତେନ୍ଦ୍ର କାର୍ଜେମଞ୍ଚାସୀନ ଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ୍ ସଂଯୋଜକ ସୀତାକାନ୍ତ ସାହୁ ସଭା ପରିଚାଳନା କରିଥିଲେ । ଅତିଥିମାନେ ମାଣ୍ଡିଆର ଉପକାରିତା, ସରକାର ଦ୍ୱାରା ମିଳୁଥିବା ପ୍ରୋତ୍ସାହନ ରାଶି, କୃଷିଯନ୍ତ୍ରପାତି ଇତ୍ୟାଦି ଉପରେ ଆଲୋଚନା ହୋଇଥିଲା ।




ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା କେମିତି ଅଧିକ ପରିମାଣରେ ଚାଷ ହୋଇପାରିବ ସେ ଉପରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପୁରୁଣାକଟକ, ଲୁଣିବାହାଲ, ମଥୁରା, ରାଧାନଗର, ପିତାମ୍ବରପୁର, ବାମଣ୍ଡା, ବାଣୀଭୂଷଣପୁର, ରାମଗଡ଼, ବୀରନରସିଂହପୁର, କୁଶଙ୍ଗ, ଛତ୍ରଙ୍ଗ, ତିଳେଶ୍ୱର ପଞ୍ଚାୟତରୁ ସରପଞ୍ଚ, ସମିତି ସଭ୍ୟ ସଭ୍ୟା, ୱାର୍ଡ ସଭ୍ୟ ସଭ୍ୟା, ମହିଳା ଚାଷୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ଅଙ୍ଗନୱାଡି କର୍ମୀ, କୃଷି ମିତ୍ର ତଥା ଓଡ଼ିଶା ମିଲେଟ ମିଶନ, ହରଭଙ୍ଗା ବ୍ଲକର ସମସ୍ତ କାର୍ଯ୍ୟରତ କର୍ମକର୍ତ୍ତା ସହିତ ସମୁଦାୟ ୬୦ ଜଣରୁ ଅଧିକ ଅଂଶଗ୍ରହଣ କରିଥିଲେ । ମାଣ୍ଡିଆ ଅଗ୍ରଣୀ ଚାଷୀ ସୁଧୀର ରଣା, ଖଣ୍ଡାହତା ଗାଁ ଓ କୋଇଲିସୁତା ଗାଁର ଶ୍ରୀଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ଉତ୍ତରୀୟ, ମେମୋଣ୍ଟ, ପ୍ରଶଂସା ପତ୍ର ଦ୍ୱାରା ସମ୍ମାନିତ କରାଗଲା । ଶେଷରେ ପୂନିଆ ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରତାପ ତଥା କୃଷି ମିତ୍ର ସାଧନା, ୱାର୍ଡ ସଭ୍ୟା ମମତା, ବିଦ୍ୟା, ରାକେଶ, ଅମିତ, ପରୁଷୋତ୍ତମ ଓ ସହ ସଂଯୋଜକ ଅମରେନ୍ଦ୍ର ଭୋଇ ସହଯୋଗ କରିଥିଲେ ।

# ହିତାଧିକାରୀଙ୍କ ମାଗଣା ଚାଉଳ ଲୁଟ୍ ଅଭିଯୋଗ:ତଦନ୍ତ ନିର୍ଦ୍ଦେଶ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ ଝାଡେଶ୍ୱରପୁର ଗ୍ରାମପଞ୍ଚାୟତରେ କେନ୍ଦ୍ରସରକାର ହିତାଧିକାରୀଙ୍କୁ ଯୋଗାଇ ଦେଉଥିବା ମାଗଣା ଚାଉଳ ଡିଲର ଲୁଟି ଖାଉଥିବାର ଗୁରୁତର ଅଭିଯୋଗ ହୋଇଛି । ଏହାର ତଦନ୍ତ ଦାବି ହୋଇଛି । ଝାଡେଶ୍ୱରପୁର ଗ୍ରାମପଞ୍ଚାୟତରେ ୨ ଜଣ ଡିଲର ନିଯୁକ୍ତି ହୋଇଛନ୍ତି । କେନ୍ଦ୍ର ସରକାରଙ୍କ ତରଫରୁ ହିତାଧିକାରୀଙ୍କୁ ମାଗଣାରେ ଚାଉଳ ଯୋଗାଇ ଦିଆଯାଉଛି । ଏପରିକି ରାଜ୍ୟ ସରକାରଙ୍କ ତରଫରୁ ମଧ୍ୟ ହିତାଧିକାରୀଙ୍କୁ ଚାଉଳ ଯୋଗାଇ ଦିଆଯାଉଛି । ସମ୍ପୃକ୍ତ ଡିଲର ଦ୍ୱୟ ବିଭିନ୍ନ ଆଳ ଦେଖାଇ ନିୟମିତ ଭାବେ ହିତାଧିକାରୀଙ୍କୁ ଚାଉଳ ପ୍ରଦାନ କରୁନଥିବାର ଅଭିଯୋଗ ହୋଇଛି । ଏପରିକି ହିତାଧିକାରୀଙ୍କ ଚାଉଳ ବଣ୍ଟନରେ ବ୍ୟାପକ ଠକେଇ ଓ ଚଞ୍ଚକତା କରାଯାଉଥିବାର ସ୍ଥାନୀୟ ଲୋକେ ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏପରିକି ଡିଲର ପ୍ରତ୍ୟେକ ହିତାଧିକାରୀଙ୍କ ଠାରୁ ୧୦ କିଗ୍ରା ଲେଖାଏଁ ଚାଉଳ କାଟି ରଖୁଥିବାର ଅଭିଯୋଗ ହୋଇଛି । ବିଧାୟକ ଶ୍ରୀ ଜେନା ଏହାର ତଦନ୍ତ ନିମନ୍ତେ ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ଓ ବ୍ଲକ ଯୋଗାଣ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ତେବେ ଏହି ହରିଲୁଟ୍ ପଛରେ ସ୍ଥାନୀୟ କେତେକ ପଞ୍ଚାୟତ ସ୍ତରୀୟ କୁଜିନେତାଙ୍କର ପ୍ରଚ୍ଛନ୍ନ ହାତ ରହିଥିବାର ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି । ସରକାର ହିତାଧିକାରୀଙ୍କୁ ମାଗଣା ଚାଉଳ ଯୋଗାଇ ଦେଉଥିଲା ବେଳେ ଡିଲର ଓ କୁଜିନେତା ଅସାଧୁମେଣ୍ଟ କରି ଚାଉଳ ହରିଲୁଟ୍ କରିବା କେତେଦୂର ସମୀଚୀନ ଏହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।




# ଦ୍ୱିତୀୟ ଦିନରେ ଇଂଲଣ୍ଡର ଦବ୍‌ଦବା, ସଙ୍କଟମୋଚକ ସାଜିଲେ ଜୁରେଲ-କୁଲଦୀପ

**ରାଞ୍ଚି**

ଏଠାରେ ଖେଳା ଯାଉଥିବା ଚତୁର୍ଥ ଟେଷ୍ଟରେ ଇଂଲଣ୍ଡ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଛି । ଭ୍ରମଣକାରୀ ବୋଲରଙ୍କ ସ୍ପିନ ଜାଲରେ ଫଶି ଭାରତ ଦ୍ୱିତୀୟ ଦିନର ଖେଳ ଶେଷ ସୁଦ୍ଧା ୭ ୱିକେଟ ହରାଇ ୨୧୯ ରନ କରିଛି । ଦିନର ଖେଳ ଶେଷ ଆଡ଼କୁ ଧ୍ରୁବ ଜୁରେଲ ଓ କୁଲଦୀପ ଯାଦବ ଭାରତ ପାଇଁ ସଙ୍କଟମୋଚକ ସାଜିଛନ୍ତି । ଦୁଇ ବ୍ୟାଟର କ୍ରମଶଃ ୩୦ ରନ ଓ ୧୭ ରନ କରି କ୍ରିଜରେ ଅପରାଜିତ ଅଛନ୍ତି । ଭାରତ ଏବେ ବି ଇଂଲଣ୍ଡଠୁ ୧୩୪ ରନରେ ପଛରେ ରହିଛି । ଏହା ପୂର୍ବରୁ ଇଂଲଣ୍ଡ ପ୍ରଥମ ଇନିଂସରେ ୩୫୩ ରନରେ ଅଲଆଉଟ ହୋଇଥିଲା । ଦଳ ପକ୍ଷରୁ ଜୋ ରୁଟ ୧୨୨ ରନରେ ଅପରାଜିତ ଥିବା ବେଳେ ଓଲି ରବିନସନ ୫୮ ରନ କରିଥିଲେ ।

ପ୍ରଥମ ଇନିଂସ ବ୍ୟାଟିଂ କରିଥିବା ଭାରତକୁ ଆରମ୍ଭରୁ ବଡ଼ ଝଟକା ଲାଗିଥିଲା । ଦଳୀୟ ସ୍କୋର ୪ ରନରେ ଅଧିନାୟକ ରୋହିତ ଶର୍ମା(୨) ଜେମ୍ସ ଆଣ୍ଡରସନଙ୍କ ଶିକାର ହୋଇଥିଲେ ।



ଏହା ପରେ ଚମତ୍କାର ଫର୍ମରେ ଥିବା ଯଶସ୍ୱୀ ଜୟସ୍ୱାଲ ଓ ଶୁଭମନ ଗିଲ ଦୃଢତାର ସହ ବ୍ୟାଟିଂ କରି ଦ୍ୱିତୀୟ ଭାଗିଦାରୀରେ ୮୨ ରନ ଯୋଡ଼ିଥିଲେ । ଗିଲ ୩୮ ରନ କରି ପାଭିଲିୟନ ଫେରିଥିଲେ । ଏହାପରେ ଭାରତୀୟ ଦଳ ବ୍ୟାଟିଂ ବିପର୍ଯ୍ୟୟ ଭୋଗିଥିଲା । ଇଂଲଣ୍ଡ ସ୍ପିନରଙ୍କ ଉଚିତ ମୁକାବିଲା କରି ପାରି ନ ଥିଲେ । ଭାରତୀୟ ବ୍ୟାଟର ଗୋଟିଏ ପଟେ ଜୟସ୍ୱାଲ କ୍ରିଜରେ ଜମିଥିବା ବେଳେ ଅନ୍ୟପଟେ ଭାରତ ନିୟମିତ ବ୍ୟବଧାନରେ ୱିକେଟ ହରାଇଥିଲା ।

ପୁଣି ଥରେ ଭାରତୀୟ ଦଳକୁ ନିରାଶ କରିଛନ୍ତି । ରଜତ ପାଟିଦାର(୧୭) ରବୀନ୍ଦ୍ରା ଜାଡ଼େଜା ୧୨ ରନ କରି ଆଉଟ ହୋଇଥିଲେ । ଅନ୍ୟପଟେ ଜୟସ୍ୱାଲ ଆଉ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ । ସେ ୧୧୭ ବଲ୍‌ରୁ ୮ ଚୌକା ଓ ୧ ଛକା ସହ ୭୩ ରନ କରି ଆଉଟ ହେବା ଭାରତକୁ ବଡ଼ ଝଟକା ଲାଗିଥିଲା । ଗତ ମ୍ୟାଚ୍‌ର ଉଭୟ ଇନିଂସରେ ଅର୍ଦ୍ଧଶତକ ହାସଲ କରିଥିବା ସରଫରାଜ ଖାନ(୧୪) ପାଭିଲିୟନ ଫେରିଥିଲେ । ରବିଚନ୍ଦ୍ରନ ଅଶ୍ୱିନ(୧) କ୍ରିଜରେ ତିଷ୍ଠି ପାରି ନ ଥିଲେ । ୧୭୭ ରନରେ ୭ ୱିକେଟ ହରାଇ ଭାରତ ସଙ୍କଟରେ ପଡିଥିଲା ।

ତେବେ ୱିକେଟ କିପର ବ୍ୟାଟର ଧ୍ରୁବ ଜୁରେଲ ଓ କୁଲଦୀପ ଯାଦବ ଧୈର୍ଯ୍ୟର ସହ ବ୍ୟାଟିଂ କରି ଦ୍ୱିତୀୟ ଦିନରେ ଭାରତକୁ ଆଉ କୌଣସି କ୍ଷତି ହେବାକୁ ଦେଇ ନ ଥିଲେ । ଉଭୟ ଅବିଭାଜିତ ଅଷ୍ଟମ ୱିକେଟ ପାଇଁ ୪୨ ରନ ଯୋଡ଼ି ସାରିଲେଣି । ଖେଳ ଶେଷ ସୁଦ୍ଧା ଭାରତ ୭ ୱିକେଟ ହରାଇ ୨୧୯ ରନ କରିଛି । ଧ୍ରୁବ ଜୁରେଲ ୩୦ ରନ ଓ କୁଲଦୀପ ଯାଦବ ୧୭ ରନ କରି ବ୍ୟାଟିଂ କରୁଛନ୍ତି । ଇଂଲଣ୍ଡ ପକ୍ଷରୁ ଟର୍ମ ଶୋଏବ ବସିର ୮୪ ରନ ଦେଇ ସର୍ବାଧିକ ୪ଟି ସଫଳତା ହାସଲ କରିଛନ୍ତି । ଟର୍ମ ହାଟଲୀ ୨ଟି ଓ ଜେମ୍ସ ଆଣ୍ଡରସନ ଗୋଟିଏ ୱିକେଟ ନେଇଛନ୍ତି ।

ଏହା ପୂର୍ବରୁ ଇଂଲଣ୍ଡ ପ୍ରଥମ ଦିନର ଖେଳ ୩୦୨/୭ରୁ ବ୍ୟାଟିଂ କରିଥିଲା । ଦଳ ଆଉ ୫୧ ରନ ଯୋଡ଼ି ଅବଶିଷ୍ଟ ୱିକେଟ ହରାଇଥିଲା । ତେବେ ଜୋ ରୁଟ ୧୨୨ ରନରେ ଅପରାଜିତ ଥିଲେ । ଓଲି ରବିନସନ ୫୮ ରନର ପ୍ରଶଂସନୀୟ ଇନିଂସ ଖେଳିଥିଲେ । ଶୋଏବ ବସିର ଓ ଜେମ୍ସ ଆଣ୍ଡରସନଙ୍କୁ ଖାତା ଖୋଲିବାକୁ ଦେଇ ନଥିଲେ । ଜାଡ଼େଜା ଇଂଲଣ୍ଡ ନିଜର ପ୍ରଥମ ଇନିଂସରେ ୩୫୩ ରନରେ ଅଲଆଉଟ ହୋଇଥିଲା ।

## ଯଶସ୍ୱୀଙ୍କ ଜଲୱା ଜାରି

# ଗାଙ୍ଗୁଲି ଓ ଗୌତମଙ୍କୁ ପଛରେ ପକାଇ ହେଲେ ନମ୍ବର ୱାନ ବ୍ୟାଟର

**ନୂଆଦିଲ୍ଲୀ**

ଝାଡ଼ଖଣ୍ଡ ରାଞ୍ଚିରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଉଥିବା ଟେଷ୍ଟ ମ୍ୟାଚ୍‌ରେ ଯଶସ୍ୱୀ ଜୟସ୍ୱାଲ୍ ଅର୍ଦ୍ଧଶତକ ହାସଲ କରି ରେକର୍ଡ କରିଛନ୍ତି । ମ୍ୟାଚ୍‌ର ଦ୍ୱିତୀୟ ପାଳିରେ ଶନିବାର ଜୟସ୍ୱାଲ ଅର୍ଦ୍ଧଶତକ ହାସଲ କରି ଟିମ ଇଣ୍ଡିଆର ପୂର୍ବତନ କ୍ୟାପଟେନ ସୌରଭ ଗାଙ୍ଗୁଲି ଓ ଗୌତମ ଗମ୍ଭୀରଙ୍କୁ ପଛରେ ପକାଇ ଦେଇଛନ୍ତି ।

ଗୋଟିଏ ଟେଷ୍ଟ ସିରିଜ୍‌ରେ ସର୍ବାଧିକ ୬୦୦ ରନ ହାସଲ କରିଥିବା ଜୟସ୍ୱାଲ ପ୍ରଥମ ଭାରତୀୟ ବାମହାତି ବ୍ୟାଟର ହୋଇଛନ୍ତି । ସେ ୪ ଟେଷ୍ଟ ମ୍ୟାଚ୍‌ରେ ୭ ପାଳି ଖେଳି ୬୦୦ରୁ ଅଧିକ ରନ କରିସାରିଲେଣି । ଇତିମଧ୍ୟରେ ସେ ଦ୍ୱିଶତକ ମଧ୍ୟ ହାସଲ କରିଛନ୍ତି । ଜୟସ୍ୱାଲ ରାଜକୋଟ ଓ ବିଶାଖାପାଟନମ ଟେଷ୍ଟରେ ବି ଭଲ ପ୍ରଦର୍ଶନ କରିଥିଲେ ।

ସେହିପରି ଯଦି ବାମହାତି ଭାରତୀୟ ବ୍ୟାଟରଙ୍କ ପୂର୍ବ ରେକର୍ଡ ଦେଖିବା ତେବେ ସୌରଭ ଗାଙ୍ଗୁଲି ୨୦୦୭ର ଗୋଟିଏ ଟେଷ୍ଟ ସିରିଜ୍‌ରେ ୫୩୪ ରନ୍ କରି ପ୍ରଥମରେ ରହିଥିଲେ । ତାଙ୍କ ପଛକୁ ଗୌତମ ଗମ୍ଭୀର ୨୦୦୯ରେ ୪୪୫ ରନ କରି ଦ୍ୱିତୀୟ ନମ୍ବରରେ ଥିଲେ । ହେଲେ ଏବେ ଯଶସ୍ୱୀ ଜୟସ୍ୱାଲ ସମସ୍ତଙ୍କୁ ପଛରେ ପକାଇ ନମ୍ବର ୱାନ ହୋଇଯାଇଛନ୍ତି ।



ସୂଚନା ଥାଉକି ସମସ୍ତ ଫର୍ମାଟ୍‌ରେ ବର୍ତ୍ତମାନ ଜୟସ୍ୱାଲ୍‌ଙ୍କ କ୍ରିକେଟ କ୍ୟାରିୟର ଭଲ ରହିଛି । ବିଶେଷ କରି ଟେଷ୍ଟ କଥା ଦେଖିଲେ ସେ ୧୪ ଟେଷ୍ଟ ପାଳିରେ ୯୧୫ ରନ କରିଛନ୍ତି । ଏଥିରେ ୩ଶତକ ୩ ଅର୍ଦ୍ଧଶତକ ଓ ଗୋଟିଏ ଦ୍ୱିଶତକ ରହିଛି । ଯଶସ୍ୱୀଙ୍କର ସର୍ବଶ୍ରେଷ୍ଠ ଟେଷ୍ଟ ସ୍କୋର ୨୧୪ ରହିଛି ।

ରାଞ୍ଚି ଟେଷ୍ଟ କଥା ଦେଖିଲେ ଯଶସ୍ୱୀ ପ୍ରଥମ ପାଳିର ଦ୍ୱିତୀୟ ଦିନ ଟି ବ୍ରେକ ପର୍ଯ୍ୟନ୍ତ ୯୬ ବଲ୍‌ରେ ୫୪ ରନ କରିଥିଲେ । ଏଥିରେ ୫ ଚୌକା ୧ ଛକ୍କା ରହିଥିଲା । ଟି-ବ୍ରେକ୍ ପର୍ଯ୍ୟନ୍ତ ଭାରତ ୪ ୱିକେଟ୍ ହରାଇ ୧୩୧ ରନ କରିଥିଲା । ଏହା ପୂର୍ବରୁ ଇଂଲଣ୍ଡ ପ୍ରଥମ ପାଳିରେ ୩୫୩ ରନ କରିଥିଲା ।

# ଇଶାନଙ୍କ ସମେତ ୩ ଖେଳାଳିଙ୍କ ଉପରେ ବୁଲିଲା ବିସିସିଆଇ ଖଣ୍ଡା

**ମୁମ୍ବାଇ**

ଆକ୍ସନ ମୋଡରେ ବିସିସିଆଇ । ଆଗକୁ କିଛି ଖେଳାଳିଙ୍କ ବିରୋଧରେ ହେବାକୁ ଯାଉଛି ବଡ କାର୍ଯ୍ୟାନୁଷ୍ଠାନ । ଏହି ଖେଳାଳିମାନେ ହେଲେ ଇଶାନ କିଶନ, ଦୀପକ ଚହର, ଏବଂ ଶ୍ରେୟ ଆୟର । ରିପୋର୍ଟ ମୁତାବକ ଆଗକୁ ସେଣ୍ଟ୍ରାଲ କଣ୍ଟ୍ରାକ୍ଟ ଲିଷ୍ଟରୁ ବାଦ ପଡିପାରନ୍ତି । ଅଜିତ ଅଗରକରଙ୍କ ନେତୃତ୍ୱରେ ଚୟନକର୍ତ୍ତାମାନେ ସେଣ୍ଟ୍ରାଲ କଣ୍ଟ୍ରାକ୍ଟ ଲିଷ୍ଟ ପାଖାପାଖି ସରିଲାଣି । କୌଣସି ମୂହୁର୍ତ୍ତରେ ଏନେଇ ଘୋଷଣା ହୋଇପାରେ ।

ଯଦିଓ ଦୀପକ ଚହରଙ୍କ ପକ୍ଷରେ ଏହା ସ୍ପଷ୍ଟ ହୋଇନି । କିନ୍ତୁ ଇଶାନ କିଶନ ଓ ଶ୍ରେୟସ ଆୟର ବିରୋଧରେ କାର୍ଯ୍ୟାନୁଷ୍ଠାନ ପକ୍କା ବୋଲି ଏକରକମର ସ୍ପଷ୍ଟ ହୋଇଛି । କାରଣ ଏହି ଦୁଇ ଖେଳାଳି ଏବେ ଘରୋଇ କ୍ରିକେଟ ଖେଳୁନାହାଁନ୍ତି । ପୂର୍ବରୁ ବିସିସିଆଇ ସଚିବ ଜୟ ଶାହ ଟପ ଖେଳାଳିଙ୍କୁ ଲେଟର ଲେଖି ସଫା ସଫା କହିଥିଲେ ବୋର୍ଡ ପାଇଁ ଘରୋଇ କ୍ରିକେଟ ବେଶ ଗୁରୁତ୍ୱପୂର୍ଣ୍ଣ ।

ତେବେ ଯଦି କୌଣସି ଖେଳାଳି ଆଇପିଏଲ୍‌କୁ ଗୁରୁତ୍ୱ ଦେଇ ଘରୋଇ କ୍ରିକେଟ ନଖେଳେ ତେବେ ସେମାନଙ୍କ ଏହା ଭଲ ହେବନି । ଏମିତିକି ପରିସ୍ଥିତି ଭଲ ନହୋଇପାରେ । ଏପରି ସ୍ଥିତିରେ



ଇଶାନ କିଶନ, ଦୀପକ ଚହର ଓ ଶ୍ରେୟସ ଆୟର ବିସିସିଆଇ ନିଷ୍ପତ୍ତିକୁ ଅଣଦେଖା କରୁଛନ୍ତି । କାରଣ ଇଶାନ କିଶନ ମାନସିକ ସ୍ଥିତି ଭଲ ନଥିବା ଦର୍ଶାଇ ଦକ୍ଷିଣ ଆଫ୍ରିକା ଗସ୍ତରୁ ବାହାରିଯାଇଥିଲେ । ଏହା ପରେ ସେ ଏଯାଏଁ କୌଣସି ମ୍ୟାଚ ଖେଳିନାହାଁନ୍ତି । ସେହିଭଳି ଶ୍ରେୟସ ଆୟର ବି ମୁମ୍ବାଇ ପାଇଁ ରଣଜୀ ଟ୍ରଫି ଖେଳିନାହାଁନ୍ତି ।

ଶ୍ରେୟସ ବଡୋଦ୍ରା ବିପକ୍ଷରେ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଖେଳିନଥିଲେ । ଶ୍ରେୟସ ଦଲିଲ୍‌ରେ କହିଥିଲେ କି ପିଠିରେ ଯନ୍ତ୍ରଣା ହେତୁ ସିଲେକ୍ସନ ଲିଷ୍ଟରେ ନଥିଲେ । କିନ୍ତୁ ଖେଳ ବିଜ୍ଞାନ ଏବଂ ଚିକିତ୍ସା ପ୍ରମୁଖ ନୀତିନ ପଟେଲ ଚୟନକର୍ତ୍ତାଙ୍କୁ ଇମେଲ କରି କହିଥିଲେ ଶ୍ରେୟସ ସଂପୂର୍ଣ୍ଣ ଫିଟ । ଏଥିରୁ ସ୍ପଷ୍ଟ ଯେ, ଏମାନେ ବିସିସିଆଇ ନିଷ୍ପତ୍ତିକୁ ପୁରାପୁରି ଅଣଦେଖା କରୁଛନ୍ତି ।

# ଡବ୍ଲୁପିଏଲ୍ ୨୦୨୪ : ରୋମାଞ୍ଚକ ମୁକାବିଲାରେ ବାଜି ମାରିଲା ମୁମ୍ବାଇ, ଶେଷ ବଲ୍‌ରେ ଛକ୍କା ମାରିଲେ ସଜନା

**ବେଙ୍ଗାଲୁରୁ**

ଡବ୍ଲୁପିଏଲ୍ ୨୦୨୪ ଚଳିତ ମହିଳା ପ୍ରିମିୟର ଲିଗ୍(ଡବ୍ଲ୍ୟୁପିଏଲ୍)ରେ ରୋମାଞ୍ଚକର ବିଜୟ ସହ ଡିଫେଣ୍ଡିଂ ଚାମ୍ପିଅନ୍ ମୁମ୍ବାଇ ଇଣ୍ଡିଆନ୍ସ ଅଭିଯାନ ଆରମ୍ଭ କରିଛି । ଶୁକ୍ରବାର ଅନୁଷ୍ଠିତ ଉଦ୍‌ଘାଟନୀ ମୁକାବିଲାରେ ମୁମ୍ବାଇ ଇଣ୍ଡିଆନ୍ସ ୪ ୱିକେଟ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ହରାଇଥିଲା ।

ଖବର ଅନୁଯାୟୀ, ଉଦ୍‌ଘାଟନୀ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଦିଲ୍ଲୀ କ୍ୟାପିଟାଲ୍ସ ୫ ୱିକେଟ୍ ବିନିମୟରେ ୧୭୧ ରନ୍ ସଂଗ୍ରହ କରିଥିଲା । ଜବାବରେ ମୁମ୍ବାଇ ଇଣ୍ଡିଆନ୍ସ ୬ ୱିକେଟ୍ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା । ଶେଷ ବଲ୍‌ରେ ଦଳକୁ ବିଜୟ ପାଇଁ ୫ ରନ୍ ଆବଶ୍ୟକ ହେଉଥିବା ବେଳେ ସଜିବନ ସଜନା ଛକା ମାରି ଦଳକୁ ବିଜୟୀ କରାଇଥିଲେ । ୧୭୨ ରନ୍‌ର ଲକ୍ଷ୍ୟ ନେଇ ବ୍ୟାଟିଂ କରୁଥିବା ମୁମ୍ବାଇ ଇଣ୍ଡିଆନ୍ସ ଦ୍ୱିତୀୟ ବଲ୍‌ରେ ଓପନର ହେଲି ମାଥ୍ୟୁସଙ୍କ ୱିକେଟ୍ ହରାଇଥିଲା । ଅନ୍ୟ ଓପନର ୟସ୍ତିକା ଭାଟିଆ ଆକ୍ରମଣାତ୍ମକ ବ୍ୟାଟିଂ କରି ସ୍ଥିତି ସୁଧାରିଥିଲେ । ନାତାଲି ସ୍କିଭର-ବ୍ରଣ୍ଟ ମଧ କିଛି ଦର୍ଶନୀୟ ସଟ୍ ଖେଳିଥିଲେ । ଉଭୟ ଦଳୀୟ ସ୍କୋରକୁ ୫୦ରେ ପହଞ୍ଚାଇବା ପରେ ବ୍ରଣ୍ଟ ୧୯ ରନ୍ କରି ପାଭିଲିୟନ ଫେରିଥିଲେ । ହରମନପ୍ରୀତ୍ କୌର ଗ୍ରାଉଣ୍ଡକୁ ଓହ୍ଲାଇବା ପରେ ବାଜି ପଲଟିଥିଲା । ଉଭୟ ପଟୁ ଆକ୍ରମଣ ଜାରି ରହିଥିଲା । ୫୬ ରନ୍‌ର ଭାଗିଦାରୀ ଗଠନ ହୋଇଥିଲା । ୟସ୍ତିକା ଅର୍ଦ୍ଧଶତକ ଅର୍ଜନ କରିଥିଲେ । ୪୮ଟି ବଲରୁ ୮ଚୌକା ଓ ୨ଛକା ବଳରେ ୫୭ ରନ୍ କରିଥିବାବେଳେ ୟସ୍ତିକାଙ୍କୁ ଆଉଟ୍ କରି ଅରୁନ୍ଧତି ରେଡ୍ଡୀ ଦିଲ୍ଲୀ ଶିବିରରେ ରୋମାଞ୍ଚ ଭରିଦେଇଥିଲେ । ଦିଲ୍ଲୀ ପ୍ରବଳ ଚାପ ପକାଇଥିଲା । ମାତ୍ର ହରମନପ୍ରୀତ ଆକ୍ରମଣ ଜାରି ରଖି ଅର୍ଦ୍ଧଶତକ ଅର୍ଜନ କରିବା ସହ ଦଳୀୟ ସ୍କୋରକୁ ବିଜୟ ନିକଟତର କରାଇଥିଲେ ।



ଶେଷ ଓଭରରେ ବିଜୟ ପାଇଁ ୧୨ ରନ୍ ଆବଶ୍ୟକ ହେଉଥିଲା । ପ୍ରଥମ ବଲ୍‌ରେ ପୂଜା ବସ୍ତ୍ରାକର ଆଉଟ୍ ହୋଇଥିଲେ ହେଁ ପରବର୍ତ୍ତୀ ୩ଟି ବଲ୍‌ରେ ୭ରନ୍ ସଂଗୃହୀତ ହୋଇଥିଲା । ପଞ୍ଚମ ବଲ୍‌ରେ ହର୍ମନପ୍ରୀତ ହୋଇଥିଲେ । ମୁମ୍ବାଇ ଶିବିର ଶାନ୍ତ ପଡ଼ି ଯାଇଥିଲା । ମାତ୍ର ସଜନା ଶେଷ ବଲ୍‌ରେ ଛକା ମାରି ଦିଲ୍ଲୀ ପଞ୍ଝାରୁ ବିଜୟ ଛଡାଇ ଆଣିଥିଲେ । ହର୍ମନପ୍ରୀତ ୩୪ଟି ବଲ୍‌ରୁ ୭ଚୌକା ଓ ୧ଛକା ବଳରେ ୫୫ ରନ୍ କରିଥିଲେ । ରଙ୍ଗାରଙ୍ଗ ଉଦଘାଟନୀ ଉତ୍ସବ ପରେ ଖେଳ ଆରମ୍ଭ ହୋଇଥିଲା । ବ୍ୟାଟିଂ ଆମନ୍ତ୍ରଣ ପାଇ ଦିଲ୍ଲୀ କ୍ୟାପିଟାଲ୍ସ ୫/୧୭୧ ରନ୍ କରିଥିଲା । ଦଳ ପକ୍ଷରୁ ଆଲିସ କ୍ୟାପ୍‌ସି ୭୫(୮ଚୌକା, ୩ଛକା), ଜେମିମା ରୋଡ୍ରିଗ୍ସ ୪୨(୫ଚୌକା, ୨ଛକା) ଓ ମେଗ ଲ୍ୟାନିଂ ୩୧(୩ଚୌକା, ୧ଛକା) ରନ୍ କରିଥିଲେ । ମୁମ୍ବାଇ ପକ୍ଷରୁ ସ୍କିଭର-ବ୍ରଣ୍ଟ ଓ ଆମେଲିଆ କର ୨ଟି ଲେଖାଏଁ ୱିକେଟ୍ ନେଇଥିଲେ ।

# ଓଡିଶା ମିଲେଟ୍ସ ମିଶନ ଆନୁକୂଲ୍ୟରେ ଭଲିବଲ ଖେଳ ପ୍ରତିଯୋଗିତା

**ବାରିପଦା : ନ୍ୟୁଜ୍ ବ୍ୟୁରୋ**

ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଓଡିଶା ମିଲେଟ ମିଶନ ପକ୍ଷରୁ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ପି ଆର ଏମ ମେଡିକାଲ କଲେଜର ସହକାରୀ ପ୍ରାଧ୍ୟାପିକା ଡଃ ସୁମିତ୍ରା ସୋରେନ ପୁରସ୍କାର ବିତରଣ କରିବା ସହ ମିଲେଟ ଜାତୀୟ ଖାଦ୍ୟ ସ୍ୱାସ୍ଥ୍ୟକର ଓ ପୃଷ୍ଟିସାର ହୋଇଥିବାରୁ ଖେଳାଳୀ ମାନଙ୍କ ପାଇଁ ଏହା ବେଶ ଉପଯୋଗୀ ବୋଲି ପ୍ରକାଶ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ରୀକାନ୍ତ ମହାନ୍ତ, ତ୍ରିଲୋଚନ ଶବର, ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ପ୍ରତିଷ୍ଠାତା




ଦିବ୍ୟ ରଞ୍ଜନ ଦାସ ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ସିଂହ ପ୍ରମୁଖ ଉପସ୍ଥିତ ରହି ସମସ୍ତ ଖେଳାଳିଙ୍କୁ ପ୍ରମାଣ ପତ୍ର, ମେଡେଲ ଓ ମିଲେଟ ସ୍ନାକ୍ସ ପ୍ରଦାନ କରିଥିଲେ । ୪ଟି ଦଳ ମଧ୍ୟରେ ଏହି ପ୍ରତିଯୋଗିତା ହୋଇଥିବା ବେଳେ ଫାଇନାଲ ଖେଳରେ ପି ସି ପୁର ରେଡ ପି ସି ପୁର ବ୍ଲୁ କୁ ପରାସ୍ତ କରି ଚମ୍ପିୟାନ ହୋଇଥିଲେ । ଲଘୁଶସ୍ୟ ଯଥା ମାଣ୍ଡିଆ, ସୁଆଁ, କାଙ୍ଗୁ, ଜହ୍ନ ଜାତୀୟ ଖାଦ୍ୟ ସ୍ୱାସ୍ଥ୍ୟକର ଓ ପୁଷ୍ଟିକର ହୋଇ ଥିବାରୁ ଖେଳାଳି ତଥା ଅନ୍ୟ ମାନଙ୍କ ପାଇଁ ଏହା ବେଶ ଉପଯୋଗୀ । ତେଣୁ ବର୍ତ୍ତମାନ ସମୟରେ ପାରମ୍ପରିକ ଖାଦ୍ୟଶସ୍ୟର ଅଭାବ ଦେଖା ଯାଉଥିବାରୁ ମାଣ୍ଡିଆ ଜାତୀୟ ଖାଦ୍ୟ ଶସ୍ୟର ବହୁଳ ବ୍ୟବହାର କରିବା ପାଇଁ ପ୍ରୋତ୍ସାହିତ କରିବା ସହ ନିତିଦିନିଆ ଖାଦ୍ୟରେ ଏହାକୁ ବ୍ୟବହାର କରିବା ପାଇଁ ଅତିଥି ଗଣ ଖେଳାଳି ମାନଙ୍କୁ ପରାମର୍ଶ ଦେଇଥିଲେ ।

# ୬ ମାସରେ ହରାଇଥିଲେ ବାପା-ଭାଇଙ୍କୁ, ଏବେ ବିଦେଶୀ ଖେଳାଳିଙ୍କ ଭାଙ୍ଗିଲେ ଅଣ୍ଟା

**ରାଞ୍ଚି**

ଡେବ୍ୟୁ ମ୍ୟାଚରେ ଚମକିଲେ ଆକାଶଦୀପ । ରାଞ୍ଚି ଟେଷ୍ଟରେ ଦମଦାର ପ୍ରଦର୍ଶନ ଘାତକ ବୋଲିଂରେ ଘାଇଲା ବିଦେଶୀ ଟିମ । ଆରମ୍ଭରୁ ମାଟି କାମୁଡ଼ିଛି ଭ୍ରମଣକାରୀ ଦଳ । ପ୍ରଥମ ସ୍ପେଲ୍‌ରେ ୩ ୱିକେଟ ଭୁଶୁଡ଼ିଗଲା । ବେନ ଷ୍ଟୋକ୍ସଙ୍କ ବ୍ୟାଟିଂ ଲାଇନ ଡେବ୍ୟୁ କ୍ୟାପ ପରେ ମାଙ୍କ ଠାରୁ ଆଶୀର୍ବାଦ ନେଇ ପଡ଼ିଆକୁ ଓହ୍ଲାଇଥିଲେ ଯୁବ ପେସ ବୋଲର ବିହାରୀ ବାବୁ । ଦେଖାଇଚାଲିଥିଲେ ଗୋଟିଏ ପରେ ଗୋଟିଏ ଜଲୱା । ଗୋଟିଏ ଓଭରରେ ହାତେଇଥିଲେ ଦୁଇଟି ୱିକେଟ । ପରେ ଆଉ ଗୋଟିଏ ଓଭରରେ ୱିକେଟ ନେଇ ୩ ଖେଳାଳିଙ୍କୁ ପଠାଇଥିଲେ ପାଭିଲିୟନ ।

ମୈଦାନରେ ଆଜି ସେ ଷ୍ଟାର ସତ କିନ୍ତୁ ସେହି ସଫଳତା ପାଇବାକୁ କରିବାକୁ ପଡିଛି ଅନେକ ସଂଘର୍ଷ । ୨୦୨୪ ଥିଲା ଆକାଶ ପାଇଁ ଅଭିଶପ୍ତ ବର୍ଷ । ୬ ମାସ ମଧ୍ୟରେ ଡକାଡକି ହୋଇ ଚାଲିଯାଇଥିଲେ ବାପା-ଭାଇ



ସତ ବାଧାବିଘ୍ନ ପାର କରି ଖେଳିଥିଲେ ଘରୋଇ କ୍ରିକେଟ । ନିକଟରେ ଟେଷ୍ଟ ଦଳ ପାଇଁ ସିଲେକ୍ଟ ହେଲେ । ଜଣେ ବନ୍ଧୁଙ୍କ ସହାୟତାରେ ସେ ପାଇଥିଲେ ସଫଳତା । ପଶ୍ଚିମବଙ୍ଗ ଦୁର୍ଗାପୁରରେ ଥିବା କ୍ଲବରେ ଖେଳିବାର ସୁଯୋଗ ପାଇଥିଲେ ଆକାଶ । ସେଠାରେ ଟେନିସ ବଲରୁ ଆରମ୍ଭ ହୋଇଥିଲା ତାଙ୍କର ରୋଜଗାର ।

ବିହାରରେ କ୍ରିକେଟ ଖେଳିବାକୁ ନଥିଲା କୌଣସି ବଡ ପ୍ଲାଟଫର୍ମ । କାରଣ ଆକାଶଙ୍କ ଜନ୍ମସ୍ଥାନରେ କ୍ରିକେଟ ଖେଳିବା ଅପରାଧ ସହ ସମାନ ଏମିତିକି ଆକାଶଙ୍କର କୌଣସି ସାଙ୍ଗ ସାଥୀ ନଥିଲେ । ପିଲାଙ୍କୁ ତାଙ୍କ ସାଙ୍ଗରେ ମିଶିବାକୁ ବାରଣ କରୁଥିଲେ । ପାଖ ପଡୋଶୀ କହୁଥିଲେ ପାଠ ପଢି ମଣିଷ ହୁଏ, ବାଜ୍ୟ ପିଲାଙ୍କ ସଙ୍ଗତରେ ପଡି ନଷ୍ଟ କରନି ସମୟ । ନିକଟରେ ଆକାଶ ସାକ୍ଷାତକାରରେ ଖୁଲ୍ଲାସା କରିଥିଲେ ଆକାଶ । ଠିକ ସେହିଭଳି ବାପା ବି ଚାହୁଁନଥିଲେ ପୁଅ ହେଉ କ୍ରିକେଟର । ବାପାଙ୍କ କଥା ରଖି ପୋଲିସ ପରୀକ୍ଷା ପାଇଁ ଫର୍ମ ଫିଲଅପ କରୁଥିଲେ । ହେଲେ ପରୀକ୍ଷା ବେଳେ ଖାତାରେ ଉତ୍ତର ନଲେଖି ଚାଲିଆସୁଥିଲେ ।

ପରେ ବାପା-ଭାଇ ଯିବା ପରେ ବଢିଯାଇଥିଲା ପରିବାରର ବୋଝ । ୨୦୧୯ରେ ଘରୋଇ କ୍ରିକେଟ, ପରେ ଲିଷ୍ଟ ଏରେ -୨୦ ଡେବ୍ୟୁ କରିଥିଲେ । ଏଇଠୁ ଆରମ୍ଭ ହୋଇଥିଲା ସଫଳତାର ଯାତ୍ରା । ଆଇପିଏଲ୍‌ରେ ଖେଳିବାକୁ ଫିଟିଗଲା ରାସ୍ତା । ଏଥର ବି ଖେଳିବାର ରହିଛି ଯଥେଷ୍ଟ ସମ୍ଭାବନା

# ବାରିପଦା ଷ୍ଟାଡିୟମର ଉନ୍ନତିକରଣ ପାଇଁ ଆଭାସୀରେ ଉଦଘାଟନ କଲେ ମୁଖ୍ୟମନ୍ତ୍ରୀ

**ବାରିପଦା : ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ବାରିପଦା ଷ୍ଟାଡିୟମର ଉନ୍ନତିକରଣ ପାଇଁ ଆଭାସୀ ମାଧ୍ୟମରେ ଉଦଘାଟନ କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମୟୁରଭଞ୍ଜ ଆଶିଷ ଠାକରେ, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡଃ ଦେବାଶିଷ ମାର୍ଣ୍ଡି, ପୂର୍ବତନ ବିଧାୟକ ଛତିଶ ଧଳ, ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ ଓ ମନୋଜ କୁମାର ସାହୁ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ରବୀନ୍ଦ୍ର କୁମାର ମହାନ୍ତି, ଅମର କୁମାର ସେଠି, ଅମ୍ବିକା ରାଉତ, ପ୍ରସନ୍ନଜିତ ମହାନ୍ତି, ହର ପ୍ରସାଦ ପାତ୍ର ଓ ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହଙ୍କ ସମେତ ଓଡିଶା ଭଲିବଲ ଏସୋସିଏସନର ଉପ ସଭାପତି ମନୋରଞ୍ଜନ ଜୀଉ, ଓଡିଶା ବକ୍ସିଂ ଏସୋସିଏସନର ସହ ସମ୍ପାଦକ ବିଜୟ ଚନ୍ଦ୍ର ଦାସ, ବରିଷ୍ଠ ଖେଳାଳି ତଥା ସିନେ ତାରକା ଅସିତ ପତି, ପୂର୍ବତନ କୋଚ କୁମାର ରଞ୍ଜନ ପଣ୍ଡା, ବାରିପଦା ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ, ବିଭିନ୍ନ ୱାର୍ଡର କାଉନସିଲର ସମେତ ବହୁ ବରିଷ୍ଠ ସଦସ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ ନୂତନ ଜିଲ୍ଲାପାଳ ତଥା ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସଭାପତି ଆଶିଷ ଠାକରେଙ୍କୁ ଏସୋସିଏସନ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ପ୍ରକାଶ ଥାଉକି ବାରିପଦା ଷ୍ଟାଡିୟମର ଉନ୍ନତିକରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ୧ କୋଟି ୯୬ ଲକ୍ଷ ଟଙ୍କା ଅନୁଦାନ ଦେଇଛନ୍ତି । ଚଳିତ ମାସ ୨୭ ତାରିଖ ଦିନ ଷ୍ଟାଡିୟମରେ ନିର୍ମିତ ୬ଟି ଟର୍ଫ ୱିକେଟ ସହ ଜିଲ୍ଲା କ୍ରିକେଟ ଏକାଡେମୀର ଶୁଭାରମ୍ଭ ପାଇଁ ଆଭାସୀରେ ଉଦଘାଟନ ମୁଖ୍ୟମନ୍ତ୍ରୀ କରିବେ ବୋଲି ସାଧାରଣ ସମ୍ପାଦକ ଶ୍ରୀ ଦାସ ଜଣାଇଛନ୍ତି ।





ଭୁବନେଶ୍ୱର : ଘାଟିକିଆ ନିକଟସ୍ଥ ଶ୍ୟାମପୁର ଠାରେ ଶ୍ରୀ ମହାଅନନ୍ତଜୀଉ ଆଶ୍ରମର ସପ୍ତତ୍ରିଂଶତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞୋତ୍ସବର ଉଦ୍‌ଯାପନୀ ଦିବସରେ ଭକ୍ତମଣ୍ଡଳୀଙ୍କ ପକ୍ଷରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ ଏବଂ ମାତାଙ୍କୁ ପୂଜାର୍ଚ୍ଚନା କରାଯାଉଛି । (ଫଟୋ : ସମ୍ବାଦ କଳିକା)







ଭଦ୍ରକ ଜିଲ୍ଲା ଗସ୍ତ ଅବସରରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କରିବା ସହ ସାଧାରଣଜନତାଙ୍କୁ ଭେଟୁଛନ୍ତି '୫-ଟି ଓ ନବୀନ ଓଡ଼ିଶା' ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ । (ଫଟୋ : ସମ୍ବାଦ କଳିକା)

## ଦେବଗଡ଼ରେ 'ଲାଭାର୍ଥୀ ସମ୍ପର୍କ ଅଭିଯାନ'

# ମୋଦି ସରକାରରେ ଦେଶର ନାରୀଶକ୍ତି ନୂଆ ଉଚ୍ଚତାକୁ ଯାଇଛି : ଧର୍ମେନ୍ଦ୍ର

**ଦେବଗଡ଼, ନ୍ୟୁଜ ବ୍ୟୁରୋ**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆଜି ଦେଶର ନାରୀଶକ୍ତି ଓ ମହିଳା ଆଧାରିତ ବିକାଶ ନୂଆ ଉଚ୍ଚତାକୁ ଯାଇଛି ବୋଲି ଶନିବାର ଦେବଗଡ଼ର ରଜାମୁଣ୍ଡା ଅଞ୍ଚଳରେ 'ଲାଭାର୍ଥୀ ସମ୍ପର୍କ ଅଭିଯାନ'ରେ ସାମିଲ ହେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଅଭିଯାନ ଅଧୀନରେ କେନ୍ଦ୍ରମନ୍ତ୍ରୀ ମୋଦୀ ସରକାରଙ୍କ କଲ୍ୟାଣକାରୀ ଯୋଜନାର ଲାଭାର୍ଥୀ ବିଶେଷ ଭାବରେ ସ୍ଥାନୀୟ ଅଞ୍ଚଳର ମାଆ ଭଉଣୀ ମାନଙ୍କୁ ଭେଟିବା ସହ ଆଲୋଚନା ଆଲୋଚନା କରିଥିଲେ । ଘର ଘର ବୁଲି ମୋଦିଙ୍କ ଷ୍ଟିକର ଲଗାଇବା ସହ ଲିଫଲେଟ୍ ବାଣ୍ଟିଥିଲେ । ସେ କହିଥିଲେ ଯେ ମୋଦୀ ସରକାର ଲୋକଙ୍କ ଜୀବନକୁ ସହଜ କରିବା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦେଇଛନ୍ତି । ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ, ଜଳ ଜୀବନ ମିଶନରେ ପ୍ରତି ଘରକୁ ପାଇପ ଯୋଗେ ବିଶୁଦ୍ଧ ପାଣି ପହଞ୍ଚାଯାଇଛି । ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମାଗଣା ଚାଉଳ, ଉଜ୍ଜ୍ୱଳା ଯୋଜନାରେ ମାଗଣାରେ ରନ୍ଧନ ଗ୍ୟାସ ସହ କରୋନା ସମୟରେ ଟିକା ଉପଲବ୍ଧ କରାଇଛନ୍ତି । ଜନଧନରେ ଟଙ୍କା ଓ ଲକ୍ଷପତି ଦିଦି ଭଳି ଅନେକ ଯୋଜନା ବିଶେଷତଃ ମାତୃଶକ୍ତିଙ୍କ ଜୀବନରେ ପରିବର୍ତ୍ତନ ଆଣିଛି । ଉଚ୍ଚଶିକ୍ଷା କ୍ଷେତ୍ରରେ ଛାତ୍ରୀଙ୍କ ନାମଲେଖା ଅଭିବୃଦ୍ଧି ଓ ଅନ୍ୟାନ୍ୟ ସଫଳତା ବିକଶିତ ଭାରତ ନିର୍ମାଣ ପାଇଁ ଆମର ମାର୍ଗ ପ୍ରଶସ୍ତ କରିଛି । ଏହି ଅବସରରେ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ମୋଦୀଙ୍କ କଲ୍ୟାଣକାରୀ ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବା ସହ ତାଙ୍କ ହାତମୁଠାକୁ ଟାଣ କରିବା ପାଇଁ ନିବେଦନ କରିଥିଲେ ।

# ୧ ଜୁଲାଇରୁ କାର୍ଯ୍ୟକାରୀ ହେବ ୩ ନୂଆ ଅପରାଧିକ ଆଇନ୍

**ନୂଆଦିଲ୍ଲୀ, ୨୪।୨**



ଆଇପିସି, ସିଆରପିସି ଏବଂ ଏଭିଡେନ୍ସ ଆକ୍ଟ ଆଇନରେ ପରିବର୍ତ୍ତନ ଆଣିବାକୁ କେନ୍ଦ୍ର ସରକାର ଶନିବାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ଜୁଲାଇ ୧ରୁ ପୂର୍ବ ପ୍ରଚଳିତ ଆଇନ ବଦଳରେ ୩ ନୂଆ ଅପରାଧିକ ଆଇନ କାର୍ଯ୍ୟକାରୀ ହେବ ।

ପୁରାତନ ଆଇନ ବଦଳରେ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ପ୍ରଭୃତି ୩ ନୂଆ ଅପରାଧିକ ଆଇନ କାର୍ଯ୍ୟକାରୀ କରାଯିବ ।

ଏହି ନୂତନ ଆଇନ ବ୍ରିଟିଶ ସମୟଠାରୁ ପ୍ରଚଳିତ ହେଉଥିବା ଆଇନକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିବ । ଏହାଦ୍ୱାରା ଆତଙ୍କବାଦ, ରାଜଦ୍ରୋହ ଏବଂ ଦେଶ ବିରୋଧରେ କାର୍ଯ୍ୟର ସଂଜ୍ଞାକୁ ଭଲ ଭାବେ ବାଖ୍ୟା କରିବାକୁ ସକ୍ଷମ ହେବ ।

ଏସବୁ ଆଇନ ସଂଶୋଧନ ବିଲ୍ ୨୦୨୩ ଅଗଷ୍ଟରେ ସଂସଦର ମୌସୁମୀ ଅଧିବେଶନରେ ଆଗତ ହୋଇଥିଲା । ପରେ ଏହାକୁ ଗୃହ ମନ୍ତ୍ରଣାଳୟର ଷ୍ଟାଣ୍ଡିଂ କମିଟି ପାଖକୁ ପଠାଯାଇଥିଲା । ବହୁ ସମୀକ୍ଷା ପରେ ଏହି ବିଲ୍‌କୁ ପ୍ରସ୍ତାବରେ ପରିଣତ କରାଯାଇଥିବା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଥିଲେ । ଏହା ଅନ୍ତର୍ଗତ ୧୮୬୦ ଆଇପିସି, ୧୯୭୩ ସିଆରପିସି ଏବଂ ଏଭିଡେନ୍ସ ଆକ୍ଟ ୧୮୭୨ରେ ପରିବର୍ତ୍ତନ କରାଯାଇଥିଲା । ଏବେ ଏସବୁ ପୁରୁଣା ଆଇନ ବଦଳରେ ନୂଆ ଆଇନ କାର୍ଯ୍ୟକାରୀ କରାଯାଇ ଆଇନ ବ୍ୟବସ୍ଥାରେ ନୂତନ ସଂସ୍କାର ଅଣାଯିବ ବୋଲି ସରକାରଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ସୂଚନା ପ୍ରଦାନ କରାଯାଇଛି । ଏହା ଦ୍ୱାରା ଅପରାଧିକ କାର୍ଯ୍ୟ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ । ଅପରାଧ କରି ଆଉ ଅପରାଧି ସହଜରେ ଖସିଯିବା ସମ୍ଭବ ହେବ ନାହିଁ ବୋଲି ସରକାର କହିଛନ୍ତି ।

## କମିଶନର, ମେୟର ଓ ବିଭାଗୀୟ ଅଧିକାରୀଙ୍କ ସମୀକ୍ଷା

# ବକ୍ସିବଜାର ଛକରେ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାପନରେ ବିଳମ୍ବ

**କଟକ, ନ୍ୟୁଜ ବ୍ୟୁରୋ**

କଟକ ବକ୍ସିବଜାର ଅଞ୍ଚଳର ନାଁକୁ ସାର୍ଥକ କରି ଛକରେ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା କାମରେ ଅହେତୁକ ଡେରି ହେଉଥିବାରୁ ଆଜି ସିଏମସି କମିଶନର, ମେୟର ଓ ବିଭାଗୀୟ ଅଧିକାରୀମାନେ ବକ୍ସି ବଜାର ଅଞ୍ଚଳରେ ପହଞ୍ଚି ସମୀକ୍ଷା କରିଛନ୍ତି । ଏହି ଛକରେ ୧୨ ଫୁଟ ଉଚ୍ଚତାର ଏକ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ । ଏଥିପାଇଁ ପ୍ରତିମୂର୍ତ୍ତି ତିଆରି କାମ ଗତ ତିନି ବର୍ଷ ହେବ ଚାଲିଛି । ସିଏମସି ସଠିକ୍ ସମୟରେ ପ୍ରତିମୂର୍ତ୍ତି ତିଆରି ପାଇଁ ଟଙ୍କା ଦେଉନଥିବାରୁ ମୂର୍ତ୍ତି କାମ ଆଗେଇ ପାରୁନାହିଁ । ତେବେ ଏ ସମ୍ପର୍କରେ ଥିବା ଅଚଳାବସ୍ଥା ଶୀଘ୍ର ଦୂର ହେବ ବୋଲି ସମୀକ୍ଷା ପରେ କମିଶନର କହିଛନ୍ତି । ଏହାସହ ବକ୍ସିବଜାରରେ ଥିବା ସିଏମସି ମାର୍କେଟ କମ୍ପ୍ଲେକ୍ସକୁ ନୂଆ ରୂପ ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ତେବେ ମାର୍କେଟ୍ କମ୍ପ୍ଲେକ୍ସରେ କିଛି ଯାଗା ଜବରଦଖଲକାରୀଙ୍କ କବଜାରେ ଥିବାରୁ କାମ ଆଗେଇ ପାରୁନାହିଁ । ଏ ସମ୍ପର୍କରେ ମେୟର, କମିଶନର ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଛନ୍ତି ଓ ଖୁବ୍ ଶୀଘ୍ର ଏଠାରେ ସରକାର ବଡ ମାର୍କେଟ୍ କମ୍ପ୍ଲେକ୍ସ ତିଆରି କରିବେ ବୋଲି ପ୍ରଶାସନ କହିଛି ।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୩୪ ନୂଆ ଏନ୍‌ଏସି,...

ଦୃଷ୍ଟିରେ ରଖି, ଏହି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି । ଅଞ୍ଚଳର ସାମଗ୍ରିକ ବିକାଶ କ୍ଷେତ୍ରରେ ନବଗଠିତ ପରିଷଦ ଗୁଡିକ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି ।

### ୫-ଟି ଅଧ୍ୟକ୍ଷଙ୍କ...

ବଳିରାମ ବନ୍ଧାର, ଏସପି ବରୁଣ ଗୁଣ୍ଟୁପାଲ୍ଲୀ, ଏସଡିପିଓ ତ୍ରିଲୋଚନ ସେଠୀଙ୍କ ସମେତ ତହସିଲଦାର, ବିଡ଼ିଓ ଓ ଜଳସମ୍ପଦ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ । ଆଖୁଆପଦାଠାରେ ଏକ ସାଧାରଣ ସଭାରେ ଉଦବୋଧନ ଦେବା ପରେ ସେଠାରୁ ସଡ଼କ ପଥରେ ଧାମନଗର ବ୍ଲକ ପାଳସାହି ଯାଇଥିଲେ ୫-ଟି ଅଧ୍ୟକ୍ଷ । ସେ ବୈତରଣୀ ବାମପାର୍ଶ୍ୱ ନଦୀ ବନ୍ଧ, ରାସ୍ତା, ମଲ୍ଲୀମାହାର ଏବଂ ଗୌରାଙ୍ଗପୁର ଏସକେପ ଏବଂ କୋଟିଳା ବ୍ୟାରେଜ ଅନୁଧ୍ୟାନ କରି ଅପରାହ୍ନରେ ଧାମନଗର ବ୍ଲକ ପାଳସାହିରେ ପହଞ୍ଚିଥିଲେ । ସେଠାରେ ଆଇଜିଏମ କଲେଜ ପଡିଆରେ ଏକ ସାଧାରଣ ସଭାରେ ଯୋଗ ଦେଇଥିଲେ ୫-ଟି ଅଧ୍ୟକ୍ଷ । ଧାମନଗରର ସଡ଼କ ପଥରେ ଯାତ୍ରା ବେଳେ ପଣ୍ଡିଆନ ନିଜେ ବାଇକ ଚଳାଇ ଦୁର୍ବଳ ବନ୍ଧ ବାଡ଼ ଏବଂ ଘାଇ ପରିଦର୍ଶନ କରିଥିଲେ ।

### ସର୍ବବୃହତ ଶସ୍ୟ...

ରେ ସଞ୍ଚାଳିତ ହେବ । ଏହି ଅବସରରେ ପ୍ରଧାନମନ୍ତ୍ରୀ ୧୮ ହଜାର ପ୍ୟାକ୍ସରେ କମ୍ପ୍ୟୁଟରୀକରଣର ଶୁଭାରମ୍ଭ କରିଛନ୍ତି । ଏହା ସହିତ ଅତିରିକ୍ତ ୫୦୦ ପ୍ୟାକ୍ସରେ ଶସ୍ୟ ସଂରକ୍ଷଣ ଗୋଦାମର ଶିଳାନ୍ୟାସ କରିଛନ୍ତି । ଏହି ଯୋଜନାରେ ଚାଷୀଙ୍କୁ ଋଣ ପ୍ରଦାନ, ଶସ୍ୟ ସଂରକ୍ଷଣ, ଶସ୍ୟ କ୍ରୟ ଏବଂ ପିଡିଏସ ପ୍ରଭୃତି ସୁବିଧା ମିଳିବ । ପ୍ୟାକ୍ସ ଅନଲାଇନ ହେବା ଦ୍ୱାରା ସଂଚାଳନରେ ସୁବିଧା ସହିତ କାର୍ଯ୍ୟ ଦକ୍ଷତା, ସ୍ୱଚ୍ଛତା ଏବଂ ଉତ୍ତରଦାୟୀ କ୍ଷେତ୍ରରେ ବହୁ ସୁଧାର ଆସି ପାରିବ ।

### କୃଷକ-ଏମ୍‌ଏସ୍‌ଏମ୍‌ଇକୁ ...

ପ୍ରସ୍ତାବିତ ପ୍ଲାଟଫର୍ମ ସହିତ ଏହି ସମସ୍ତ ସମସ୍ୟାର ସମାଧାନ ହେବ ଏବଂ ଶୀଘ୍ର ଋଣ ପାଇବା ସମ୍ଭବ ହେବ । ପବ୍ଲିକ ଟେକ ପ୍ଲାଟଫର୍ମ ଫର ଫାଇନାନ୍ସିଆଲ କ୍ରେଡିଟ ଅର୍ଥାତ ପିଟିପିଏଫସି ମାଧ୍ୟମରେ ଏହି କାର୍ଯ୍ୟ ସମ୍ଭବ ହୋଇପାରିବ । ଏହି ପ୍ଲାଟଫର୍ମ ବର୍ତ୍ତମାନ କୃଷି ଋଣ, କିଷାନ କ୍ରେଡିଟ କାର୍ଡ, କ୍ଷୁଦ୍ର ଏମ୍‌ଏସ୍‌ଏମ୍‌ଇ ଋଣ ପରି ଉତ୍ପାଦ ଉପରେ କାମ କରୁଛି । ଏହି ପ୍ଲାଟଫର୍ମ ସହିତ ବ୍ୟାଙ୍କ, ଆର୍ଥିକ ପ୍ରତିଷ୍ଠାନ ଏବଂ ଷ୍ଟାର୍ଟଅପ ପ୍ରଭୃତିକୁ ସାମିଲ କରାଯାଇପାରିବ । ଏହି ପ୍ଲାଟଫର୍ମ ମାଧ୍ୟମରେ କୃଷି ଏବଂ ଏମଏସଏମଇକୁ ପ୍ରାୟ ୩୫୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ବଣ୍ଟନ କରାଯାଇଛି । ଏହା ବ୍ୟତୀତ ରିଜର୍ଭ ବ୍ୟାଙ୍କ ମଧ୍ୟ ପିପିଆଇ ଅର୍ଥାତ ପ୍ରିପେଡ ପେମେଣ୍ଟ ପ୍ରକ୍ରିୟାଗୁଡ଼ିକରେ ଏକ ପରିବର୍ତ୍ତନ କରିଛି । ସେଣ୍ଟ୍ରାଲ ବ୍ୟାଙ୍କ ଅନୁଯାୟୀ, ବର୍ତ୍ତମାନ ପବ୍ଲିକ ଟ୍ରାନ୍ସପୋର୍ଟ ବ୍ୟବସ୍ଥା ଦ୍ୱାରା ବ୍ୟାଙ୍କ ଏବଂ ଅଣ ବ୍ୟାଙ୍କିଂ ଅନୁଷ୍ଠାନ ଦ୍ୱାରା ଜାରି କରାଯାଇଥିବା ପିପିଆଇ ମାଧ୍ୟମରେ ଦେୟ ପ୍ରଦାନ କରାଯାଇପାରିବ । ପବ୍ଲିକ ଟ୍ରାନ୍ସପୋର୍ଟ ବ୍ୟବହାର କରୁଥିବା ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ରିଜର୍ଭ ବ୍ୟାଙ୍କ ଏକ ବିଜ୍ଞପ୍ତିରେ କହିଛନ୍ତି । ବିଭିନ୍ନ ପବ୍ଲିକ ଟ୍ରାନ୍ସପୋର୍ଟ ବ୍ୟବସ୍ଥାରେ ଦେୟ ପାଇଁ ବ୍ୟାଙ୍କ ଏବଂ ଅଣ ବ୍ୟାଙ୍କିଂ ସଂସ୍ଥାଗୁଡ଼ିକୁ ପିପିଆଇ ପ୍ରବର୍ତ୍ତନ କରିବାକୁ ଅନୁମତି ଦିଆଯାଇଛି ।

### ନବୀନଙ୍କ ଶାସନ ...

ମହିଳାଙ୍କ ଲାଗି ଏକ ତୃତୀୟାଂଶ ଆସନ ସଂରକ୍ଷଣ କରି ଓଡ଼ିଶା ଉଦାହରଣ ସାଜିଛି । ବିଏସକେୱାଇ ଜରିଆରେ ରାଜ୍ୟବାସୀ ଉପକୃତ ହେଉଛନ୍ତି । ନୂଆ ଓ ସଶକ୍ତ ଓଡ଼ିଶା ଗଠନ ଦିଗରେ ୫-ଟିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆସନ୍ତା ୨୦୩୬ ସୁଦ୍ଧା ନୂଆ ଓଡ଼ିଶା ଗଠନ ଆଭିମୁଖ୍ୟକୁ ସଫଳ କରିବାଲାଗି ସବୁସ୍ତରରୁ ଉଦ୍ୟମ ହେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ରାଜ୍ୟରେ ଅନେକ ବିପର୍ଯ୍ୟୟ ଆସିଛି । ତେବେ ଠିକଣା ଭାବେ ପୂର୍ବପ୍ରସ୍ତୁତି ଯୋଗୁ ଧନଜୀବନର ସୁରକ୍ଷା କରାଯାଇପାରିଛି । ଜୀବନ ରକ୍ଷାର ବାସ୍ତବ ଉଦାହରଣ ବିଶ୍ୱବାସୀଙ୍କ ଆଗରେ ଓଡ଼ିଶା ଦେଖାଇପାରିଛି । କୋଭିଡ କାଳରେ ବି ଓଡ଼ିଶାର ପ୍ରମୁଖ ଭୂମିକା ଯୋଗୁ ଅନେକ ଜୀବନ ରକ୍ଷା ହୋଇପାରିଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

# ସ୍ପର୍ଶ ପ୍ରକଳ୍ପକୁ 'ଶ୍ରେଷ୍ଠ ସ୍ୱାସ୍ଥ୍ୟ ସେବା ସିଏସଆର ପ୍ରକଳ୍ପ' ସମ୍ମାନ ପ୍ରଦାନ

**ଅନୁଗୁଳ, ନ୍ୟୁଜ ବ୍ୟୁରୋ**



ଅନୁଗୁଳ ଜିଲ୍ଲା ପ୍ରଶାସନ ଓ ଜେଏସପି ଫାଉଣ୍ଡେସନ ପକ୍ଷରୁ ରିୟଲ ଟାଇମ୍ ସର୍ଭିଲାନ୍ସ ଆକ୍ଟିଭିଟି ଜରିଆରେ ସୁରକ୍ଷିତ ଗର୍ଭାବସ୍ଥା ଓ ଏଏନସିର ସୁବିଧା ନିମନ୍ତେ ମେଡଟେଲ୍ ସହଯୋଗରେ କାର୍ଯ୍ୟକାରୀ କରାଯାଇଥିବା ପ୍ରକଳ୍ପ 'ସ୍ପର୍ଶ'କୁ ଫେବୃଆରୀ ୨୩ ତାରିଖରେ ବାଙ୍ଗାଲୋରଠାରେ ଅନୁଷ୍ଠିତ ୧୧ତମ ଅନ୍ତର୍ଜାତିକ ସମ୍ମିଳନୀରେ ସମ୍ମାନଜନକ 'ଶ୍ରେଷ୍ଠ ସ୍ୱାସ୍ଥ୍ୟସେବା ସିଏସ୍‌ଆର୍ ପ୍ରକଳ୍ପ'ରେ ସମ୍ମାନିତ କରାଯାଇଛି । ଆପୋଲୋ ଟେଲିମେଡିସିନ ନେଟୱାର୍କିଂ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆପୋଲୋ ଟେଲିହେଲଥର ସିଇଓ ବିକ୍ରମ ଥାପ୍ପୁ ଯୋଗଦେଇଥିଲେ ଏବଂ ଆପୋଲୋ ହସ୍ପିଟାଲର ମୁଖ୍ୟ ଚିକିତ୍ସା ସୂଚନା ଅଧିକାରୀ ତଥା ଉପାଧ୍ୟକ୍ଷ ଡ. ସୁଜୟ କର ଅନୁଗୁଳ ଜିଲ୍ଲାରେ ଉନ୍ନତ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସେବା ସ୍ଥିତିରେ ସ୍ପର୍ଶ ପ୍ରକଳ୍ପର ଅସାଧାରଣ ଅବଦାନକୁ ସ୍ୱୀକାର କରିଥିଲେ ଏବଂ ଜେଏସପି ଫାଉଣ୍ଡେସନର ଝିଲି ଖଟୁଆ ଏବଂ ମେଡଟେଲ୍ ସିଇଓ ଡ. ଲଳିତ ମାଣିକଙ୍କୁ ଟ୍ରଫି ପ୍ରଦାନ କରିଥିଲେ । ୨୦୨୩ ମସିହା ଅଗଷ୍ଟ ୧୫ ତାରିଖରେ ଅନୁଗୁଳ ଜିଲ୍ଲାରେ ଶିକ୍ଷ ଓ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ ଦ୍ୱାରା ସ୍ପର୍ଶ ପ୍ରକଳ୍ପର ଶୁଭାରମ୍ଭ କରାଯାଇଥିଲା ଏବଂ ଅନୁଗୁଳ ଜିଲ୍ଲାର ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ୨୦୦ଟି ଡିଜିଟାଲ ଡାଇଗ୍ନୋଷ୍ଟିକ୍ କିଟ୍ ନିୟୋଜିତକରି ଜେଏସପି ଫାଉଣ୍ଡେସନ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ସମର୍ଥନ କରିଥିଲା । ଏହି କିଟଗୁଡ଼ିକ ଗ୍ରାମୀଣ ସ୍ୱାସ୍ଥ୍ୟ ପରିମଳ ଏବଂ ପୋଷଣ ଦିବସ (ଭିଏଚ୍‌ଏସ୍‌ଏନଡି) ଅଧିବେଶନର ଡିଜିଟାଇଜେସନରେ ସହାୟକ ହୋଇଥିଲା, ଯେଉଁଥିରେ ରିୟଲ୍ ଟାଇମ୍ ଡାଟା କ୍ୟାପଚରିଂ ବୈଶିଷ୍ଟ୍ୟ ଅନ୍ତର୍ଭୁକ୍ତ କରାଯାଇଥିଲା । ୧୩୬୪ଟି ଭିଏଚ୍‌ଏସ୍‌ଏନଡି ପଏଣ୍ଟକୁ ଅନ୍ତର୍ଭୁକ୍ତ କରି ଏହି ପ୍ରକଳ୍ପ ପ୍ରାୟ ୨୦,୦୦୦ ଗର୍ଭବତୀ ମହିଳାଙ୍କୁ ସିଧାସଳଖ ଉପକୃତ କରିଛି । ଏହି ପୁରସ୍କାର ପାଇବା ପରେ ଜେପିଏଫ ଫାଉଣ୍ଡେସନର ଗ୍ରୁପ୍ ମୁଖ୍ୟ ସିଏସଆର ପ୍ରଶାନ୍ତ ହୋତା କହିଛନ୍ତି ଯେ ଜେଏସପି ଫାଉଣ୍ଡେସନ ଅନୁଗୁଳ ଜିଲ୍ଲା ପ୍ରଶାସନର ମୁଖ୍ୟ ଅଂଶୀଦାର ଭାବରେ ଏହି ପ୍ରକଳ୍ପର ନେତୃତ୍ୱ ନେଇଥିବା ବେଳେ ମେଡଟେଲ ଏହି ପ୍ରକଳ୍ପର ନିରପେକ୍ଷ କାର୍ଯ୍ୟକାରିତା ପାଇଁ ଅମୂଲ୍ୟ ବୈଷୟିକ ଦକ୍ଷତା ପ୍ରଦାନ କରିଛି । ହୋତା ସ୍ପର୍ଶ ପ୍ରକଳ୍ପର ସଫଳତା ପାଇଁ ଜିଲ୍ଲା ପ୍ରଶାସନ ଏବଂ ଏହି ପ୍ରକଳ୍ପରେ ସମ୍ପୃକ୍ତ ସମସ୍ତ କର୍ମଚାରୀଙ୍କୁ ଗ୍ରାଉଣ୍ଡ ଜିରୋରେ ଶ୍ରେୟ ଦେଇଛନ୍ତି । ଜେଏସପି ଫାଉଣ୍ଡେସନର ଅଧ୍ୟକ୍ଷା ଶ୍ରୀମତୀ ଶାଲୁ ଜିନ୍ଦଲ ଦଳକୁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ ଅନୁଗୁଳ ଜିଲ୍ଲାରେ ଆଇଟି ସହାୟତା ମାଧ୍ୟମରେ ଆଣ୍ଟିନାଟାଲ ଚେକ୍ ଅପକୁ ତ୍ୱରାନ୍ୱିତ କରିବା ଏବଂ ହାଇ ରିସ୍କ ଗର୍ଭଧାରଣର ରିୟଲ ଟାଇମ୍ ଚିହ୍ନଟ ଦିଗରେ ସ୍ପର୍ଶ ପ୍ରକଳ୍ପର ସହଯୋଗ ପାଇଁ ମୁଁ ଗର୍ବିତ ଏବଂ ଜେଏସପି ଫାଉଣ୍ଡେସନକୁ ଅନୁଗୁଳବାସୀଙ୍କ ସେବା କରିବାର ସୁଯୋଗ ପ୍ରଦାନ କରିଥିବାରୁ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଉଛି ।

## ମଉସା ଘରେ ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ

**ଧାମନଗର, ନ୍ୟୁଜ ବ୍ୟୁରୋ**

ରାତି ପାହିଲେ ଇଙ୍ଗିରାଜି ପରୀକ୍ଷା ଦେବାକୁ ନଦିଗାଁ ପରୀକ୍ଷାକେନ୍ଦ୍ରକୁ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେବାକୁ ଯାଇ ଥାଆନ୍ତା ହେଲେ ରାତି ପାହିବା ପୂର୍ବରୁ ସବୁ ସରିଗଲା । ନିଜ ବେକରେ ମାଉସୀର ଲୁଗାକୁ ବେକରେ ବାନ୍ଧି ଫ୍ୟାନରେ ଝୁଲିପଡ଼ି ସବୁଦିନ ପାଇଁ ଆରପାରିକୁ ଚାଲିଗଲା । ଏମିତି ଏକ ଘଟଣା ଘଟିଛି ଧାମନଗର ଥାନା ଦଲାଙ୍ଗ ପଞ୍ଚାୟତ ଜାହାଙ୍ଗୀର ଶାସନ ଗ୍ରାମର । ପ୍ରକାଶ ଥାଉକି ଶାଶନ ଗ୍ରାମର ଲକ୍ଷ୍ମୀଧର ଦାସଙ୍କ ଘରେ ଏପରି ଅଘଟଣ ଘଟିଛି । ଅଭିଷେକ ପଣ୍ଡା ପିତା ଅଭୟ ପଣ୍ଡା । ଘର ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନାର ରାଡ ଗ୍ରାମରେ । ଅଭିଷେକ ତାଙ୍କ ମଉସା ଲକ୍ଷ୍ମୀଧର ଦାଶଙ୍କ ଘରେ ରହି ପାଠ ପଢୁଥିଲେ । ଅଭିଷେକ ଏବେ ମେଟ୍ରିକ ପରୀକ୍ଷା ମଧ୍ୟ ଦେଉଛନ୍ତି । ତେବେ ଗୁରୁବାର ବିଳମ୍ବିତ ରାତିରେ ଅଭିଷେକ ନିଜ ଶୋଇବା ଘରେ ବେକରେ ଶାଢ଼ୀ ବାନ୍ଧି ଫ୍ୟାନରେ ଝୁଲି ପଡ଼ି ଆତ୍ମହତ୍ୟା କରିଛନ୍ତି । ସକାଳେ ଅଭିଷେକ କବାଟ ନ ଖୋଲିବାରୁ ପରିବାର ଲୋକ ପୋଲିସକୁ ଖବର ଦେବାପରେ ଧାମନଗର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ପୋଲିସ ୩/୨୪ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି । ତେବେ ଏହା ଏକ ପ୍ରେମ ଜନିତ ଘଟଣା ବୋଲି ପୋଲିସ ଅନୁମାନ କରୁଛି । ଡ଼ାକ୍ତର ରିପୋର୍ଟ ପରେ ସତ୍ୟତା ଜଣା ପଡ଼ିବ ବୋଲି ପୋଲିସ କହିଛି ।

## ବେଆଇନ ବାଲି ଚାଲାଣ ଦୁଇ ହାଇୱା ଜବତ

**ବାରଙ୍ଗ, ନ୍ୟୁଜ ବ୍ୟୁରୋ**

ବେଆଇନ ଚୋରାରେ ବାଲି ଚାଲାଣ କରୁଥିବା ଦୁଇଟି ହାଇୱାକୁ ଜବତ କରିଛି ବାରଙ୍ଗ ଥାନା ପୋଲିସ । ସୂଚନା ଅନୁଯାୟୀ ବିଳମ୍ବିତ ରାତିରେ ବାରଙ୍ଗ ଥାନା ପୋଲିସ ତ୍ରିଶୂଳିଆ ଛକରେ ବ୍ଲକିଂ ଚେକିଂ କରୁଥିଲେ । ଏହି ସମୟରେ ଦୁଇଟି ହାଇୱା ବାଲି ବୋଝେଇ କରି ମୁଣ୍ଡମୁହାଣ ଠାରୁ ତ୍ରିଶୂଳିଆ ପଟକୁ ଆସୁଥିବା ସମୟରେ ପୋଲିସ ଗାଡ଼ି ଦୁଇଟିକୁ ଅଟକାଇଥିଲେ । ଗାଡ଼ି ଚାଳକ ବାଲି ପରିବହନ କରୁଥିବା କୌଣସି ଉପଯୁକ୍ତ ପ୍ରମାଣ ପତ୍ର ଦେଖାଇ ନ ପାରିବାରୁ ପୋଲିସ ଉଭୟ ଗାଡ଼ି ଜବତ କରିଥିଲା । ଏ ସଂକ୍ରାନ୍ତରେ ବାରଙ୍ଗ ଥାନାରେ କେସ ନଂ ୯୬/୨୪ ଏବଂ ୯୭/୨୪ରେ ଦୁଇଟି ମାମଲା ରୁଜୁ କରାଯାଇ ଉଭୟ ଗାଡ଼ି ମାଲିକଙ୍କୁ ନୋଟିସ ଦିଆଯାଇଥିବା ଥାନାଧିକାରୀ ବିଶ୍ୱରଞ୍ଜନ ନାୟକ ସୂଚନା ଦେଇଛନ୍ତି ।

**ODISHA CONSTRUCTION CORPORATION LTD.** CAD-420
(A Govt. of Odisha Undertaking)
CENTRAL WORKSHOP, RASULGARH,
Bhubaneswar-751010 (Odisha)
Tel- 0674 : 2580107,
Email : smppmcws@gmail.com
(GSTIN-21AAACO2571K2ZM)

**Tender call Notice No. OCC/CWS/PROC/KIP-08(Vol.-II)/66/23-24 dtd.23.02.2024.**
Type of work : SUPPLY OF CASTING ITEMS FOR 25T ROPE DRUM HOIST OF KANUPUR IRRIGATION PROJECT.
Total No. of work : 01(One).
Period of supply : 120 days.

| Procurement Officer | Tender Call Notice No. | Cost of Tender document (Including GST) | Sale of tender document | Submission of tender document ( Off-line mode) |
|---|---|---|---|---|
| Senior Manager (Mech.), OCC Ltd., Central Workshop, Rasulgarh, Bhubaneswar | OCC/ CWS/ PROC/KIP-08(Vol.II) / 66 / 2023-24 dtd.23.02.2024 | Rs.7080/- (Non-refundable) | 24.02.2024 10.00AM to 02.03.2024 1.00 PM | 24.02.2024 10.00AM to 02.03.2024 3.00 PM |

Date of opening of the Tender : 02.03.2024 at 4.00 P.M.
Further details can be seen from the website (www.odishaconstruction.com)
Amendment/corrigendum/cancellation, if any shall be posted on-line only (OCCL website).
Sd/-
Senior Manager (Mech.)-I
OCC Ltd., Bhubaneswar
OIPR-34163/11/0032/2324

**WATCO** C-3219
OFFICE OF THE GENERAL MANAGER, WATCO PROJECT DIVISION-I
Ground Floor, Unnati Bhawan,
H.B. Colony, Satyanagar, Bhubaneswar-751007, Odisha, India
E-mail-gmprojectwatco@gmail.com
INVITATION FOR BID (IFB)
Bid Identification No. 22 / Project-I/WATCO/ 2023-24 Dtd. 21.02.2024
WATCO No. 226 Date: 21.02.2024

1. Name of the work :-" Supplying and Installation of Multijet Mechanical Water Meters at Khurda and Jatni including replacement of defective water meters within 5 years of Installation"
2. Estimated cost :-Rs.85.43 Lakh
3. Period of completion :-01 (One) Year.
4. Date & time of availability of bid document in the portal :- From 11.00 AM of Dt.26.02.2024 to 5.00 PM of 04.03.2024.
5. Last date / time of receipt of bids in the portal :- 5.00 PM of 04.03.2024.
6. Date & time of opening of bids :-11.30 AM of Dt. 06.03.2024.
7. Name and address of the Officer Inviting Bid :- General Manager, WATCO Project Division-1, Bhubaneswar. E-Mail: gmprojectwatco@gmail.com
8. The bidders have to participate in ONLINE bidding only.

Further details can be seen from the web site www.tendersodisha.gov.in
(GM, WATCO Project Division-1)
Bhubaneswar
OIPR-13083/11/0033/2324

**GOVERNMENT OF ODISHA** A-1597
DEPARTMENT OF WATER RESOURCES
Office of the Superintending Engineer
U.K.Head Works Division,Kolabnagar(K).PIN.764011
e-Procurement notice- SE-UKHWD- 21/2023-24 Dated.22.02.2024 (ONLINE)

1. No of Work :: 03 (Three) nos.
2. Type of Work :: Civil Works
3. Approximate Value of Work :: From Rs. 4.18 Lakh to 15.73 Lakh
4. Class of Contractor :: Registered & licensed Contractors of 'C' & 'D' Class
5. Period of completion :: 01 (One) Calendar Month
6. Date & time of availability Of bid documents on line :: 26.02.2024 at 11.00 Hours to 06.03.2024 up to17.30 Hours
7. Date & Place of opening of Bid on line :: 07.03.2024 (10.30 Hours) at office of the Superintending Engineer, UKHWD,Kolab Nagar
8. Name of the officer inviting Bids. :: Superintending Engineer, UKHWD , Kolab Nagar

Further details can be seen in the Govt. of Odisha e-Procurement Web-Site http://www.tendersodisha.gov.in
Addendum/ Corrigendum/ Cancellation, if any, required will be published in Govt. website only.
Superintending Engineer
Upper Kolab Head Works Division,
Kolabnagar
OIPR-32015/11/0020/2324

**OFFICE OF THE JOINT DIRECTOR, SURVEY AND PLANNING** A-1595
WATER RESOURCES DEPARTMENT (CAD), ODISHA
OFMRDC CAMPUS, SATYANAGAR, BHUBANESWAR-751007
Email: jointdirectorspbbsr@gmail.com, Phone-0674-2570357
NOTICE INVITING E-TENDER
TENDER NO. 03-23/24

On-line digitally signed open ITEM-WISE e-tenders are invited from Suppliers/Manufacturer/authorized dealers for Supply of Electronic items, Electrical items and office furniture's item Wise at Office of the Joint Director, Survey and Planning, Satyanagar, Bhubaneswar strictly as per the Technical Specifications, Quantities, General Terms & Conditions, Warranty, BoQ etc. :

| | |
|---|---|
| Bid Document Published Date | 25.02.2024 |
| Bid Document Download Start Date | 26.02.2024 |
| Bid Document Download End Date | 05.03.2024 |
| Bid Submission Start Date | 26.02.2024 |
| Bid Submission End Date & Time | 05.03.2024 till 5.30pm |
| Technical (Techno-Commercial) Bid Opening Date | 06.03.2024 |
| Financial Bid opening Date | To be notified later |

| Sl. No | Name of the work | Approx. value of work (in Lakh) | EMD/ Bid Security (Online) (in Rs.) | Period of completion | Cost of Tender Paper (Online) (in Rs.) | Class of Contractor |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01 | Purchase of Office Furnitures, Electronic Goods & Electrical Items | 15 | 15000 | 15days | 6000 | Suppliers /Manufacturer/Authorised dealers |

All other details can be seen in the Odisha government Portal www.tendersodisha.gov.in.
Sd/-
Joint Director,
Survey & Planning,
Odisha, Bhubaneswar
OIPR-32369/11/0005/2324

ସମ୍ବାଦ କଳିକା The Sambad Kalika RNI Regd. No. : 52640/94 Postal Regd. No. : BN/60/22-24 ଭୁବନେଶ୍ୱର ୨୫ ଫେବୃୟାରୀ ରବିବାର, ୨୦୨୪




DSPL-712

# ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବ 'ଲକ୍ଷ୍ମୀ'



### ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ ୫-ଟି ଅଧକ୍ଷଙ୍କ ଅନୁରୋଧ

ଲକ୍ଷ୍ମୀ ବସ୍ ଓଡ଼ିଶାର ସମ୍ପତ୍ତି । ଆପଣମାନଙ୍କ ସମ୍ପତ୍ତି ଏହାକୁ ନିଜର ସମ୍ପତ୍ତି ଭଳି ଉପଯୁକ୍ତ ରକ୍ଷଣାବେକ୍ଷଣ କରିବାକୁ ୫-ଟି ଓ ନବୀନ ଓଡ଼ିଶା ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ତାଙ୍କ ଜିଲ୍ଲା ଗସ୍ତରୁ ଗ୍ରାମାଞ୍ଚଳରେ ଲୋକଙ୍କ ଗମନାଗମନର ସୁବିଧା ପାଇଁ ଏଭଳି ବ୍ୟବସ୍ଥା କରିବାକୁ ମତାମତ ଆସିଥିଲା। ତେଣୁ ଏସବୁକୁ ଧ୍ୟାନରେ ରଖିବାକୁ ସେ ଅନୁରୋଧ କରିଛନ୍ତି।

## ଲକ୍ଷ୍ୟ ଉଦ୍ଦେଶ୍ୟ

ଲୋକଙ୍କ ଯାତାୟତର ସୁବିଧା ପାଇଁ ଲକ୍ଷ୍ମୀ ଯୋଜନା କାର୍ଯ୍ୟକାରୀ କରାଯାଉଛି। ବିଶେଷ କରି ମା'ମାନଙ୍କର ଯାତ୍ରାର ସୁବିଧା ପାଇଁ ସରକାର ଲକ୍ଷ୍ମୀ ବସ୍‌ର ଶୁଭାରମ୍ଭ କରିଛନ୍ତି। ଲକ୍ଷ୍ମୀ ବସ୍ ଦ୍ୱାରା କୃଷକ ମାନେ ସେମାନଙ୍କର ଉତ୍ପାଦିତ ଦ୍ରବ୍ୟ ବିକ୍ରି କରିବା ପାଇଁ ନିକଟସ୍ଥ ବଜାରକୁ ଯାଇପାରିବେ। ପଞ୍ଚାୟତ ଏବଂ ବ୍ଲକ ମଧ୍ୟରେ ଯୋଗାଯୋଗ ସହଜ ହୋଇପାରିବ। ଗ୍ରାମୀଣ ଅର୍ଥନୀତିକୁ ମଜବୁତ କରିବାରେ ଲକ୍ଷ୍ମୀ ବସ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଶତକଡା ୯୦ରୁ ଅଧିକ ପଞ୍ଚାୟତକୁ ବ୍ଲକ ସହ ଯୋଡିବାରେ ଏହି ଲକ୍ଷ୍ମୀ ବସ୍ ପ୍ରମୁଖ ଭୂମିକା ନିର୍ବାହ କରିବ।



## 'ଲକ୍ଷ୍ମୀ' ଟିକେଟ୍ ଦର

### ନନ୍-ଏସି ବସ୍ ସେବା

| ବସ୍ ସେବା | ଦୂରତା | ଟିକେଟ ଦର |
|---|---|---|
| ବ୍ଲକ ସଂଯୋଗ | ୦-୧୦ କିମି | ₹୫ |
| | ୧୧-୨୦ କିମି | ₹୧୦ |
| | ୨୧-୪୦ କିମି | ₹୧୫ |
| | ୪୧-୬୦ କିମି | ₹୨୫ |
| | ୬୧-୮୦ କିମି | ₹୩୦ |

### ଏସି ବସ୍ ସେବା

| ବସ୍ ସେବା | ଦୂରତା | ଟିକେଟ ଦର |
|---|---|---|
| ଜିଲ୍ଲା ସଂଯୋଗ | ୦-୧୦ କିମି | ₹୧୦ |
| | ୧୧-୨୦ କିମି | ₹୨୦ |
| | ୨୧-୪୦ କିମି | ₹୪୦ |
| | ୪୧-୬୦ କିମି | ₹୬୦ |
| | ୬୧-୮୦ କିମି | ₹୮୦ |

## ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି

'ଲକ୍ଷ୍ମୀ' ବସ୍ ଦ୍ୱାରା ସିଧାସଳଖ ଉତ୍ପାଦିତ ଦ୍ରବ୍ୟର ବଜାର ସହ ସଂଯୋଗ ହୋଇପାରିବ। ଏହା ଦ୍ୱାରା ଆର୍ଥିକ ଅଭିବୃଦ୍ଧି ଘଟିବ ଏବଂ ଛୋଟ ସହର ଓ ଗାଁରେ ବ୍ୟବସାୟ ହବ୍ ହେବାରେ ସହାୟକ ହେବ। ଏହି ବସ୍ ଦ୍ୱାରା ୯୯.୫% ଗ୍ରାମ ପଞ୍ଚାୟତର ସଂଯୋଗୀକରଣ ସୁବିଧାରେ ହୋଇପାରିବ। ଆହୁରି ମଧ୍ୟ ୩୭୦୦୦ ନୂଆ ନିଯୁକ୍ତି ସୃଷ୍ଟି ହେବା ସହ ୬୨,୨୯୧ ଶିକ୍ଷା ସଂସ୍ଥାକୁ ସଂଯୋଗ କରିବ। ୫ବର୍ଷରେ ୪,୫୦୦ କୋଟି ରୋଜଗାର ଯୋଜନାର ଲକ୍ଷ୍ୟ ରଖାଯାଇଥିବା ବେଳେ ୪କୋଟି ଲୋକ ଉପକୃତ ହେବାର ଆକଳନ କରାଯାଇଛି।

## ସଡ଼କ ପରିବହନ ନିଗମ ପକ୍ଷରୁ 'ୟୁପିଆଇ କ୍ୟୁଆର କୋଡ୍'ର ବ୍ୟବସ୍ଥା




'ଲକ୍ଷ୍ମୀ' ବସ୍‌ରେ ଯାତାୟାତ ବେଳେ କ୍ୟାସ୍‌ଲେସ୍ ପେମେଣ୍ଟକୁ ପ୍ରୋତ୍ସାହନ ଦେବା ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ 'ୟୁପିଆଇ କ୍ୟୁଆର କୋଡ୍'ର ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ଯାତ୍ରୀମାନେ ସୁବିଧାରେ କ୍ୟୁଆର କୋଡ୍ ସ୍କାନ୍ କରି ଟଙ୍କା ଦେଇପାରିବେ । ଓଡ଼ିଶା ସରକାରଙ୍କ '୫-ଟି' ଉପକ୍ରମ ଆଧାରରେ ବିକଶିତ ଏହି କ୍ୟୁଆର କୋଡ୍‌ର ବ୍ୟବହାର ଯାତ୍ରୀଙ୍କ ଯାତାୟାତକୁ ସୁଗମ କରିବ ବୋଲି ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ କହିଛନ୍ତି ।



## ଜୀବନ ଯାତ୍ରାକୁ ସହଜ କରିବ

ଲକ୍ଷ୍ମୀ ବସ୍ ରାଜ୍ୟର ସବୁ ଗାଁରେ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବା ସହିତ ବ୍ୟାପକ ଅର୍ଥନୈତିକ ଅଭିବୃଦ୍ଧି ଆଣିବ। ଗାଁ ଲୋକେ ଲକ୍ଷ୍ମୀ ବସ୍ ଜରିଆରେ ସୁବିଧାରେ ଏବଂ କମ୍ ଖର୍ଚ୍ଚରେ ସେମାନଙ୍କ ଦୈନନ୍ଦିନ କାର୍ଯ୍ୟ କରିପାରିବେ । ଲକ୍ଷ୍ମୀ ବସ୍ ଆମର ଜୀବନ ଯାତ୍ରାକୁ ସହଜ କରିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ୫-ଟି ଉପକ୍ରମରେ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମରେ ମିଶନ ଶକ୍ତି ମା'ମାନଙ୍କୁ ବସ୍ ପରିଚାଳନାର ଦାୟିତ୍ୱ ଦିଆଯାଇଛି। ଏହି ବସ୍ ବ୍ଲକ ସହିତ ସଂଯୋଗ କରିବା ପାଇଁ ୪୨ଟି ଅଣ-ଏସିବସ ଓ ଜିଲ୍ଲା ସହିତ ସଂଯୋଗ କରିବା ପାଇଁ ୯ଟି ଏସି ବସ ଆରମ୍ଭ କରାଯାଇଛି। କେବଳ ପରିବହନ କ୍ଷେତ୍ର ନୁହେଁ ଏକାଧିକ କ୍ଷେତ୍ରରେ ଲକ୍ଷ୍ମୀ ଯୋଜନାର ଅବଦାନ ରହିବ ।

**୯୯.୫% ଗ୍ରାମ ପଞ୍ଚାୟତର ସଂଯୋଗୀକରଣ**

**ରାଜ୍ୟରେ ଗଡିବ ମୋଟ୍ ୧୭୪୫ 'ଲକ୍ଷ୍ମୀ' ବସ୍**

**୫ବର୍ଷରେ ୪,୫୦୦ କୋଟି ରୋଜଗାର ଯୋଜନା**

## ପର୍ଯ୍ୟଟନକୁ ଅଗ୍ରାଧିକାର

ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଏବଂ ପ୍ରାକୃତିକ ଐତିହ୍ୟ ପ୍ରତି ଆକର୍ଷିତ ହୋଇ ଦେଶ ବିଦେଶରୁ ବହୁ ପର୍ଯ୍ୟଟକ ରାଜ୍ୟକୁ ଆସିଥାନ୍ତି। ଲକ୍ଷ୍ମୀ ବସ୍ ସୁବିଧା ଯୋଗୁ ପର୍ଯ୍ୟଟକମାନେ ସୁବିଧାରେ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ପହଞ୍ଚିପାରିବେ । ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରକୁ ଏହା ଅଧିକ ସୁଦୃଢ଼ ଏବଂ ସମୃଦ୍ଧ କରିବ ବୋଲି ଆଶା କରାଯାଉଛି । ପର୍ଯ୍ୟଟକଙ୍କ ପ୍ରମୁଖ ଆକର୍ଷଣ ସ୍ଥାନଗୁଡ଼ିକୁ ଏହାର ନେଟୱର୍କରେ ସାମିଲ କରାଯାଇଛି । ଉନ୍ନତ ଯୋଗାଯୋଗ ସୁବିଧା ଅଧିକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ ବୋଲି କୁହାଯାଉଛି। ଏହାଫଳରେ ଆଞ୍ଚଳିକ ପର୍ଯ୍ୟଟନକୁ ଫାଇଦା ମିଳିବା ସହ ଜୀବନଜୀବିକା ସୁଯୋଗ ସୃଷ୍ଟି କ୍ଷେତ୍ରରେ ସ୍ଥାନୀୟ ସମ୍ପ୍ରଦାୟଗୁଡ଼ିକୁ ଉତ୍ସାହିତ କରିବ ।



## ମହିଳା ସଶକ୍ତିକରଣ

ଲକ୍ଷ୍ମୀ ଯୋଜନାରେ ମହିଳା ସଶକ୍ତିକରଣକୁ ବିଶେଷ ଧ୍ୟାନ ଦିଆଯାଇଛି। ଏହା ଦ୍ୱାରା କର୍ମ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ମହିଳାମାନେ ସୁରକ୍ଷିତ ବସ୍‌ଯାତ୍ରା କରିବା ସହ ବ୍ୟବସାୟ କ୍ଷେତ୍ରରେ ଉନ୍ନତି କରିପାରିବେ ଏବଂ ମିଶନଶକ୍ତି ସୁଦୃଢ଼ ହୋଇପାରିବ। ମା'ମାନଙ୍କୁ ସଶକ୍ତ କରିବା ପାଇଁ ବସ୍ ଭଡା ୫ଟଙ୍କା ରହିବ।



## ୪କୋଟି ଲୋକ ଉପକୃତ ହେବେ



